ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.190 Bhubaneswar Thursday September 15 2022 | ୨୫ତମ ବର୍ଷ ସଂଖ୍ୟା-୧୯୦ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୫, ୨୦୨୨ (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS


## ମୁମ୍ବାଇରେ ଇନଭେଷ୍ଟର୍ସ ମିଟ୍: ଶିଳ୍ପପତିଙ୍କୁ ଭେଟିଲେ, କହିଲେ ଦ୍ରୁତ ଅଭିବୃଦ୍ଧି କରୁଛି ଓଡିଶାର ଅର୍ଥନୀତି



ଭୁବନେଶ୍ୱର,୧୪।୯(ପି.ଏନ): ଓଡିଶାର ଅର୍ଥନୀତି ସମଗ୍ର ଦେଶର ସବୁଠୁ ଦ୍ରୁତ ଅଭିବୃଦ୍ଧି କରୁଥିବା ଅର୍ଥନୀତି । ଗତ ଦେ? ଦଶନ୍ଧି ଧରି ଓଡିଶାର ଆର୍ଥିକ ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଅଧିକ ରହୁଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଚ୍ନ୍ତି ।ମୁମ୍ବାଇର ଏକ ତାରକା ହୋଟେଲରେ ଆୟୋଜିତ ଓଡିଶା ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଓଡିଶାରେ ପୁଞ୍ଜିନିବେଶ ପାଇଁ ପ୍ରବଳ ସମ୍ଭାବନା ରହିଛି । ରାଜ୍ୟ ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବେ । ଏହାର ଫାଇଦା ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିବେଶକମାନଙ୍କୁ ଆହ୍ୱାନ କରିବା ସହ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା 'ମେକ୍ ଇନ ଓଡିଶା-୩' କନକ୍ଲେଭରେ ସାମିଲ ହେବାକୁ ଆମନ୍ତ୍ରଣ ଦେଇଛନ୍ତି ।ଆଜି ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଶିଳ୍ପପତି, ନିବେଶକ, ବ୍ୟାଙ୍କର ଓ ଅନ୍ୟମାନଙ୍କୁ ସମ୍ବୋଧିତ ଓଡିଶାରେ ପୁଞ୍ଜିନିବେଶ କରିବା ପାଇଁ ଅନୁରୋଧ କରିଛନ୍ତି । ଏହି ଅବସରରେ ଶିଳ୍ପ ଓ ଏମଏସଏମଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ଓଡିଶାରେ ୨୦୦ରୁ ଅଧିକ ଇଞ୍ଜିନିୟରିଂ କଲେଜ ଓ ଏକ ହଜାରରୁ ଅଧିକ ଆଇଟିଆଇ ରହିଛି । ଦେଶରେ ଅଧିକ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବାରେ ଓଡିଶା ଆଗରେ ରହିଛି । ସେହିପରି ଶିଳ୍ପ ସଚ୍ିବ ହେମନ୍ତ କୁମାର ଶର୍ମା ଓଡିଶାରେ ପୁଞ୍ଜିନିବେଶ ନିମନ୍ତେ ରହିଥିବା ସମ୍ଭାବନା ଓ ଇକୋ-ସିଷ୍ଟମ ସମ୍ପର୍କିତ ଏକ ରିପୋର୍ଟ ଉପସ୍ଥାପନ କରି କହିଥିଲେ ଯେ, ଓଡିଶାରେ ଶିଳ୍ପ ପାଇଁ ଜମିର ପରିମାଣ, ବିଦ୍ୟୁତର ପରିମାଣ ଓ କୁଶଳୀ ଶ୍ରମିକଙ୍କ ପାରିଶ୍ରମିକ ଭାରତରେ ସବୁଠୁ କମ୍ । ଏହାର ଫାଇଦା ଶିଳ୍ପପତି ଓ ନିବେଶକମାନେ ନେଇପାରିବେ ।ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦେଶର ପ୍ରମୁଖ ଶିଳ୍ପପତି,ବ୍ୟାଙ୍କର ଓ ନିବେଶକଙ୍କୁ ଭେଟିଥିଲେ । ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ, ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା, ଆଇସିଆଇସିଆଇ ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଝା, ଏଚ୍ଡିଏଫସି ବ୍ୟାଙ୍କ କଣ୍ଟ୍ରି ହେଡ୍ ଅରବିନ୍ଦ ଭୋରା, ଏସଟିଟି ଡିଜିସି ଇଣ୍ଡିଆ ସିଏଫଓ ବିମଳ ଖଣ୍ଡେଲୱାଲା, ଜେଏମ ବାକ୍ସି ପ୍ରାଃ ଲିଃ ଅଧ୍ୟକ୍ଷ ଧ୍ରୁବ କୋଟାକ, ଅପାର ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ଚୈତନ୍ୟ ଦେଶାଇ, ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଅଧ୍ୟକ୍ଷ ଦୀନେଶ କୁମାର ଖାନ୍ନା, ମହିନ୍ଦ୍ରା ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା, ୱାରଇ ଇଞ୍ଜିନିୟର୍ସ ଅଧ୍ୟକ୍ଷ ହିତେଶ ଯୋଶୀ ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ୱାନଟୁୱାନ୍ ସାକ୍ଷାତ କରିଥିଲେ ।ସୂଚ୍ନାଯୋଗ୍ୟ, ଭୁବନେଶ୍ୱରରେ ନଭେମ୍ବର ୩୦ରୁ ହେବାକୁ ଥିବା ମେକ ଇନ୍ ଓଡିଶା-୩ କନକ୍ଲେଭ ନିମନ୍ତେ ଦୁବାଇ ଓ ଦିଲ୍ଲୀ ପରେ ଆଜି ମୁମ୍ବାଇରେ ଏହି ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ଆସନ୍ତା ୨୮ତାରିଖରେ ବାଙ୍ଗାଲୋରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ ପକ୍ଷରୁ ଆୟୋଜନ ହେବ ବୋଲି ଜଣାପଡିଛି ।ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୩ଦିନିଆ ମୁମ୍ବାଇ ଗସ୍ତରେ ଯାଇଥିବାବେଳେ ଆସନ୍ତାକାଲି ସକାଳ ୯ରୁ ସା?? ୯ଟା ମଧ୍ୟରେ ଦଲାଲ ଷ୍ଟ୍ରିଟରେ ଥିବା ବମ୍ବେ ଷ୍ଟକ ଏକ୍ସଚେଞ୍ଜ ପରିଦର୍ଶନରେ ଯାଇ ଓପନିଂ ବେଲ୍ ବଜାଇବେ । ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଅପରାହ୍ନ ସା?? ୫ଟାରେ ଭୁବନେଶ୍ୱରରେ ପହଂଚ୍ିବେ ବୋଲି ଜଣାପଡିଛି ।

## ଆଇଏଏସସ୍ତରରେ ଅଦଳବଦଳ: ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟ ସଚ୍ିବ




ଭୁବନେଶ୍ୱର,୧୪।୯(ପି.ଏନ): ରାଜ୍ୟ ସରକାର ଆଜି ଆଇଏଏସ ଅଫିସରସ୍ତରରେ ଏକ ଅଦଳବଦଳ କରିଛନ୍ତି । ଦୀର୍ଘଦିନ ଧରି ଅତିରିକ୍ତ ଦାୟିତ୍ୱରେ ଚ୍ାଲୁଥିବା ସ୍ୱାସ୍ଥ୍ୟ ବିଭାଗକୁ ଏବେ ଫୁଲଟାଇମ୍ ସଚ୍ିବ ମିଳିଛି । ଏନଏଚ୍ଏମ୍ ନିର୍ଦ୍ଦେଶିକା ତଥା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚ୍ିବ ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ସଚ୍ିବ ତଥା କମିଶନର ଭାବେ ନିଯୁକ୍ତି ଦେଇଛନ୍ତି । ଆଇଏଏସ୍ ଆରକେ ଶର୍ମା ଦୀର୍ଘଦିନ ଧରି ଛୁଟିରେ ଥିବାରୁ ତାଙ୍କ ସ୍ଥାନରେ ଶକ୍ତି ବିଭାଗର ପ୍ରମୁଖ ସଚ୍ିବ ନିକୁଞ୍ଜ କିଶୋର ଧଳ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିଥିଲେ ।ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଶ୍ରୀ ଧଳଙ୍କଠୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ କା? ନିଆଯାଇଛି । ଏଣିକି ସ୍ୱାସ୍ଥ୍ୟ ବିଭାଗର ସଚ୍ିବ ଦାୟିତ୍ୱ ଶ୍ରୀମତୀ ପଣ୍ଡିତ ତୁଲାଇବେ । ଶ୍ରୀ ଧଳ ଶକ୍ତି ବିଭାଗ ସହ ଅତିରିକ୍ତ ଭାବେ ଅବକାରୀ ସଚ୍ିବ ଓ ଗ୍ରୀଡକୋ ଅଧ୍ୟକ୍ଷ ଦାୟିତ୍ୱରେ ରହିବେ ।୧୯୯୬ ବ୍ୟାଚ୍ ଆଇଏଏସ୍ ତଥା କୃଷି ବିଭାଗର ପ୍ରମୁଖ ସଚ୍ିବ ଅରବିନ୍ଦ ପା?ୀଙ୍କଠୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ କା? ନିଆଯାଇ ତାଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ସେ ଉଭୟ ବିଭାଗ ଦାୟିତ୍ୱରେ ରହିବେ ।ସେହିପରି ୧୯୯୯ ବ୍ୟାଚ୍ ଆଇଏଏସ୍ ଭାସ୍କରଜ୍ୟୋତି ଶର୍ମାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚ୍ିବ ପଦରୁ ହଟାଇ ଦିଆଯାଇଛି । ସେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚ୍ିବ ଭାବେ କାର୍ଯ୍ୟ କରିବେ । ସେ ଅତିରିକ୍ତ ଭାବେ ବିଜ୍ଞାନ ଓ ବୈଷୟିକ ବିଭାଗର ସଚ୍ିବ ଦାୟିତ୍ୱ ତୁଲାଇବେ । ଶ୍ରୀ ଶର୍ମାଙ୍କ ସ୍ଥାନରେ ୧୯୯୯ ବ୍ୟାଚ୍ ଆଇଏଏସ୍ ଶୁଭା ଶର୍ମା ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ସଚ୍ିବ ଭାବେ କାର୍ଯ୍ୟ କରିବେ ।ସେହିପରି ୧୯୯୮ ବ୍ୟାଚ୍ ଆଇଏଏସ୍ ସୁରେଶ କୁମାର ବଶିଷ୍ଠଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସଚ୍ିବ ଭାବେ ଅବସ୍ଥାପିତ କରାଯାଇଛି । ସେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଭାଗର ସଚ୍ିବ ଭାବେ କାର୍ଯ୍ୟ କରୁଥିଲେ ।ସେହିପରି ୨୦୦୮ ବ୍ୟାଚ୍ ଆଇଏଏସ୍ ଗୁହା ପୁନମ ତାପସ କୁମାରଙ୍କୁ ପଂଚ୍ାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚ୍ିବ ଭାବେ ନିଯୁକ୍ତି ମିଳିଛି । ସେ ଓରମାସ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ୨୦୧୦ ବ୍ୟାଚ୍ ଆଇଏଏସ୍ ଡଃ ବୃନ୍ଦା ଡିଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚ୍ଏମ)ର ମିଶନ ନିର୍ଦ୍ଦେଶିକା ଭାବେ ନିଯୁକ୍ତି ମିଳିଛି । ସେ ଅତିରିକ୍ତ ଭାବେ ଓଡିଶା ଔଷଧ ନିଗମ ପରିଚ୍ାଳନା ନିର୍ଦ୍ଦେଶକ ଓ ଖାଦ୍ୟ ନିରାପତ୍ତା କମିଶନର ଭାବେ କାର୍ଯ୍ୟ କରିବେ ।ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚ୍ିବ ଆଇଆରଟିଏସ୍ ଅଫିସର ସଞ୍ଜୟ କୁମାର ମିଶ୍ରଙ୍କୁ ଅତିରିକ୍ତ ଭାବେ ଓପିଟିସିଏଲ୍ ପରିଚ୍ାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ ହୋଇଛି ।ସେହିପରି ଅର୍ଥ ବିଭାଗର ସ୍ୱତନ୍ତ୍ର ସଚ୍ିବ ବରିଷ୍ଠ ଓଏଏସ୍ ସରୋଜ କୁମାର ମିଶ୍ରଙ୍କୁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚ୍ିବ ଭାବେ ବଦଳି କରାଯାଇଛି । ସେ ପୂର୍ବଭଳି ଗୃହ ବିଭାଗର ସ୍ୱତନ୍ତ୍ର ସଚ୍ିବ(ପ୍ରୋଟୋକଲ)ର ଅତିରିକ୍ତ ଦାୟିତ୍ୱ ତୁଲାଇବେ ।

### ନକଲି ଔଷଧ ମାମଲାରେ ସବୁ ଜିଲ୍ଲାରେ ଚଢାଉ କରାଯିବ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୯ (ପି.ଏନ): ନକଲି ଔଷଧ ମାମଲାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି । ଆଇନ ତା ବାଟରେ ଯିବ। କାହାରିକୁ ଛଡ଼ାଯିବ ନାହିଁ । ଯଦି କେହି ଭୁଲ୍ କରିଥିବେ, ତେବେ ତାଙ୍କୁ ଦଣ୍ଡ ଦିଆଯିବ । ଆଗକୁ ମଧ୍ୟ ସବୁ ଜିଲ୍ଲାରେ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ।ସୂଚନାଯୋଗ୍ୟ ଯେ, ଗତ କିଛି ଦିନତଳେ କଟକ ଭୁବନେଶ୍ୱରର ବିଭିନ୍ନ ନକଲି ଔଷଧ ବିକ୍ରି ନେଇ ଅଭିଯୋଗ ଆସିବା ପରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ବହୁ ନକଲି ଔଷଧ ମିଳିଥିଲା। ଏହି ମାମଲାରେ କଟକର ଦୁଇ ମେଡିସିନ୍ ହୋଲସେଲରଙ୍କୁ ଗିରଫ କରାଯାଇଛି।

## କୃଷି ବିଭାଗର ୩୦ ବରିଷ୍ଠ ଅଧିକାରୀଙ୍କୁ ଜିଲ୍ଲା ନୋଡାଲ ଅଧିକାରୀ ଦାୟିତ୍ୱ

ଭୁବନେଶ୍ୱର, ୧୪।୯(ପି.ଏନ):- ରାଜ୍ୟରେ ଚାଷର ସ୍ଥିତି ଓ ଯୋଜନାଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ଏବଂ ତଦାରଖ ନିମନ୍ତେ ବିଭାଗ ପକ୍ଷରୁ ୩୦ ଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ଟି ଜିଲ୍ଲାର ନୋଡାଲ ଅଧିକାରୀ ଭାବରେ ନିୟୋଜିତ କରାଯାଇଛି । ନୋଡାଲ ଅଧିକାରୀମାନେ ପ୍ରତିମାସରେ ଜିଲ୍ଲା ଗସ୍ତ କରି ଜିଲ୍ଲାରେ ଚାଷର ସ୍ଥିତି, କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରି କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକମାନଙ୍କ ସମେତ ବିଭାଗୀୟ ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ ଆଦି ବରିଷ୍ଠ ଅଧିକାରୀମାନଙ୍କୁ ଜିଲ୍ଲାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି ।ନୋଡାଲ ଅଧିକାରୀମାନେ ଜିଲ୍ଲାଗସ୍ତ ସମୟରେ ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଓ ବିଭିନ୍ନ କୃଷି ସାମଗ୍ରୀ ଯୋଗାଣର ସ୍ଥିତି, ଫସଲ ଋଣ ଯୋଗାଣ, ବଳରାମ ଯୋଜନାରେ ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଋଣ ପ୍ରଦାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଓଡ଼ିଶା ମିଲେଟ୍ ମିଶନ, କ୍ଷେତପୋଖରୀ ଖନନ, ଫସଲ ଚାଷରେ ବିବିଧିକରଣ, ସୌର ଜଳନିଧି ପ୍ରକଳ୍ପ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଯୋଗାଣ ଆଦିର ଧାର୍ଯ୍ୟ ଲକ୍ଷ୍ୟ ଏବଂ ଏହାର ପୂରଣର ସମୀକ୍ଷା କରିବେ। ବିଭିନ୍ନ ପ୍ରକାରର ଫଳ ଓ ପନିପରିବା ଚାଷ ସମେତ ଆଳୁ, ମସଲାଚାଷ, ବ୍ଲକ୍ ସ୍ତରୀୟ ନର୍ସରୀ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ଏମ୍‌ଜିଏନ୍ ଆରଇଜିଏରେ ବୃକ୍ଷରୋପଣ ଆଦି ସଂପର୍କରେ ସବିଶେଷ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ସହିତ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପ୍ରସ୍ତାବ ଦେବେ ।ନୋଡାଲ ଅଧିକାରୀମାନେ ସେମାନଙ୍କ ଗସ୍ତ ସମୟରେ ବିହନ, ମୃତ୍ତିକା, ସାର ଓ କୀଟନାଶକ ପରୀକ୍ଷାଗାର, ଡିଲର ପଏଂଟ, କୃଷି ଏବଂ ଉଦ୍ୟାନ କୃଷି ଫାର୍ମ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରତିଷ୍ଠିତ ପ୍ରକଳ୍ପ, ଆଗ୍ରୋ ସର୍ଭିସ ସେଂଟର, ଯୁଗ୍ମଦେୟ ଗୋଷ୍ଠୀଗୁଡ଼ିକ ନିୟମିତ ପରିଦର୍ଶନ କରି ହିତାଧିକାରୀ ଏବଂ ଉଦ୍ୟୋଗୀମାନଙ୍କ ସହିତ ଆଲୋଚନା କରିବା ପାଇଁ କୁହାଯାଇଛି। ଏତଦ୍ ବ୍ୟତୀତ ସମନ୍ୱିତ କୃଷି ଫାର୍ମ, ଏମ୍‌ଜିଏନ୍ଆରଇଜିଏରେ ଫାର୍ମ ପଣ୍ଡ ଖନନ, କୂପ ଖନନ, ଭର୍ମି କମ୍ପୋଷ୍ଟ ୟୁନିଟ୍, ଅଣଧାନ ଫସଲ, ଡାଲି, ତୈଳବୀଜ, ମାଣ୍ଡିଆ, କପା, ଝୋଟ ଆଦି ସଂଗ୍ରହ କେନ୍ଦ୍ର ପରିଦର୍ଶନ କରିବେ । ଏଥି ସହିତ କୃଷିରେ ଅଧିକ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରିବା ଓ 'ଆମ କୃଷି'ର ହିତାଧିକାରୀଙ୍କୁ ଭେଟି ଆଲୋଚନା କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି ।

### କୋର୍ଟରେ ହାଜର ହେଲେ ବର୍ଷା ଅନୁଭବ

ଭୁବନେଶ୍ୱର,୧୪।୯(ପି.ଏନ): ପାରିବାରିକ ବିବାଦ ମାମଲାରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ ଓ କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ବୁଧବାର ଫ୍ୟାମିଲି କୋର୍ଟରେ ହାଜର ହୋଇଛନ୍ତି। ଫ୍ୟାମିଲି କୋର୍ଟରେ ହାଜର ହେବାକୁ ଉଭୟଙ୍କୁ ପୂର୍ବରୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉଭୟେ ଫ୍ୟାମିଲି କୋର୍ଟରେ ପହଂଚିବା ପରେ ଉଭୟ ବର୍ଷା ଏବଂ ଅନୁଭବଙ୍କୁ ନିଜ ଚ୍ୟାମ୍ବରକୁ ପଠାଇ ଦେଇଛନ୍ତି ଜଜ୍ ।

### ଚନ୍ଦୁ ହତ୍ୟା ମାମଲାରେ ଲେଡି ଡନ୍ ରଞ୍ଜୁ ଓ ସହଯୋଗୀ କାହ୍ନା ଗିରଫ

ଭୁବନେଶ୍ୱର, ୧୪।୯(ପି.ଏନ): ୟୁନିଟ୍ ୮ ନାରାୟଣୀ ବସ୍ତିରେ ଚନ୍ଦୁ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଲେଡି ଡନ୍ ରଞ୍ଜୁ ଓ ତାର ସହଯୋଗୀ କାହ୍ନା ଗିରଫ ହୋଇଛନ୍ତି। ଉଭୟଙ୍କୁ ଗଞ୍ଜାମରୁ ଗିରଫ କରିଛି କମିଶନରେଟ ପୋଲିସ ।ଶୁକ୍ରବାର ବିଳମ୍ବିତ ରାତିରେ ୟୁନିଟ୍-୮ ତୁଳସୀ ବସ୍ତିର ପି. ସୁବ୍ରତ ରାଓ ଓରଫ ଚନ୍ଦୁ (୩୭) ନାରାୟଣୀ ବସ୍ତିକୁ ଯାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ମୁଖ୍ୟ ଅଭିଯୁକ୍ତ ଲେଡି ଡନ୍ ରଞ୍ଜୁ ଓ ତାର ସହଯୋଗୀ କାହ୍ନା ସଂଘବଦ୍ଧ ଭାବେ ଆକ୍ରମଣ କରି ତାଙ୍କୁ ହତ୍ୟା କରିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ବସ୍ତି ଭିତରେ ପିଟିପିଟି ହତ୍ୟା କରିଥିଲେ। ଖବର ପାଇ କ୍ୟାପିଟାଲ ଥାନା ପୋଲିସ୍ ଘଟଣାସ୍ଥଳରୁ ଚନ୍ଦୁକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ମିଳିଥିବା ସୂଚନାନୁଯାୟୀ, ନିଶା କାରବାର କରିଆସୁଥିବା ଚନ୍ଦୁ କିଛି ଦିନ ତଳେ ଏଥିରୁ ଦୂରେଇ ଯାଇଥିଲା। କିନ୍ତୁ ପୁରୁଣା ହିସାବକୁ କେନ୍ଦ୍ରକରି ତା'ର କିଛି ଯୁବକଙ୍କ ସହ ବିବାଦ ହୋଇଥିଲା। ତାହାକୁ କେନ୍ଦ୍ରକରି କିଛି ଦିନ ତଳେ ଚନ୍ଦୁ ସହ ସେମାନେ ଗଣ୍ଡଗୋଳ କରିଥିଲେ।

## ୮ଜଣ ଶିଳ୍ପୀଙ୍କୁ ମିଳିବ ରାଜ୍ୟ ଚ୍ାରୁକଳା ପୁରସ୍କାର



ଭୁବନେଶ୍ୱର୧୪।୯(ପି.ଏନ): ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୨୨ ମସିହା ନିମନ୍ତେ ରାଜ୍ୟସ୍ତରୀୟ ଚ୍ାରୁକଳା ପୁରସ୍କାର ଆଜି ଘୋଷଣା ହୋଇଛି । ୮ଜଣ ଶିଳ୍ପୀଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ବାବଦରେ ସେମାନଙ୍କୁ ୨ଲକ୍ଷ ଟଙ୍କା ଲେଖାଁଏ, ତାମ୍ର ଫଳକ, ପ୍ରମାଣପତ୍ର ଓ ଉପକନ ମିଳିବ ।ଓଡିଶା ଲଳିତ କଳା ଏକାଡେମୀରୁ ମିଳିଥିବା ସୂଚ୍ନା ଅନୁସାରେ, ଦେଶର ସୁନାମଧନ୍ୟ ଶିଳ୍ପୀମାନଙ୍କୁ ନେଇ ଗଠିତ ୫ଜଣିଆ ବିଚ୍ାରକ ମଣ୍ଡଳୀ ଚୂଡ଼ାନ୍ତ ପର୍ଯ୍ୟାୟ ପାଇଁ ମନୋନୀତ ହୋଇଥିବା ୧୭୩ଜଣ ଶିଳ୍ପୀଙ୍କ ମଧ୍ୟରୁ ୮ଜଣଙ୍କୁ ୨୦୨୨ ମସିହା ପାଇଁ ୪୦ତମ ରାଜ୍ୟସ୍ତରୀୟ ଚ୍ାରୁକଳା ପୁରସ୍କାର ପ୍ରଦାନ ନିମନ୍ତେ ସୁପାରିଶ କରିଥିଲେ । ମନୋନୀତ ହୋଇଥିବା ଶିଳ୍ପୀମାନେ ହେଲେ ଭାସ୍କର୍ଯ୍ୟରେ ପ୍ରତାପ ଚ୍ନ୍ଦ୍ର ଜେନା ଓ ଅସାନ୍ତ ଦାସ, ମୁଦ୍ରଣ କଳାରେ ରବିନାରାୟଣ ଗୁପ୍ତା ଓ ଟୁକୁନା ଡାକୁଆ, ଚ୍ିତ୍ରକଳାରେ ଅମିତ୍ କୁମାର ଓଝା ଓ ସିତିକାନ୍ତ ସାମନ୍ତସିଂହାର, ପାରମ୍ପରିକ ଚ୍ିତ୍ରରେ ରୋନିବାଳା ମହାପାତ୍ର ଓ ନିରଞ୍ଜନ ମୁଖି । ଏହି ଚୂଡ଼ାନ୍ତ ତାଲିକା ଲଳିତ କଳା ଏକାଡେମୀର କାର୍ଯ୍ୟକାରୀ ସମିତି ବୈଠକରେ ଅନୁମୋଦିତ ହୋଇଛି ।ସୂଚ୍ନାଯୋଗ୍ୟ,୪୦ତମ ରାଜ୍ୟସ୍ତରୀୟ ଚ୍ାରୁକଳା ପ୍ରଦର୍ଶନୀ ନିମନ୍ତେ ଓଡିଶାର ଶିଳ୍ପୀମାନଙ୍କଠୁ କଳାକୃତିର ଫଟୋଗ୍ରାଫ ଗ୍ରହଣ କରାଯାଇଥିଲା । ଏକାଡେମୀ ପକ୍ଷରୁ ପ୍ରଦର୍ଶନୀରେ ସ୍ଥାନ ପାଇଥିବା କଳାକୃତିଗୁଡିକର ଏକ ରଙ୍ଗୀନ ଚ୍ିତ୍ରପୁସ୍ତିକା ମଧ୍ୟ ଉନ୍ମୋଚ୍ନ କରାଯିବ ।

## ୧୮ରୁ ବଢିବ ବର୍ଷା

ଭୁବନେଶ୍ୱର, ୧୪।୯(ପି.ଏନ): ଆସନ୍ତା୧୮ ତାରିଖ ବେଳକୁ ଉତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତୀ ସମୁଦ୍ର ମଧ୍ୟରେ ଉତର ଓଡିଶା- ପଶ୍ଚିମବଙ୍ଗ ଉପକୂଳ ଅଂଚଳରେ ବାୟୁମଣ୍ଡଳର ଉପରି ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ୧୮ ତାରିଖରୁ ବର୍ଷାର ବିସ୍ତୃତି ଓ ପରିମାଣରେ ବୃଦ୍ଧି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମୌସୁମୀ ନିମ୍ନ-ଚାପ ରେଖା ବୁଧବାର ନିଜର ସାଧାରଣ ଅବସ୍ଥାନ ଠାରୁ ସାମାନ୍ୟ ଦକ୍ଷିଣରେ ରହିବା ସହ ରାଜସ୍ଥାନର ଜସେଲମେରରୁ ବାହାରି କୋଟା, ଉତର-ପଶ୍ଚିମ ମଧ୍ୟପ୍ରଦେଶ ଅଂଚଳରେ ସୁଦୃଢ଼ ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ସତନା, ଚୁର୍କ, ରାଂଚି ଏବଂ ଦିଘା ଠାରୁ ପୂର୍ବ-ଦକ୍ଷିଣପୂର୍ବ ଦିଗରେ ଉତର-ପୂର୍ବ ବଙ୍ଗୋପସାଗର ଯାଏଁ ଲମ୍ବିଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମୟୂରଭଂଜ , ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭରାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ବୌଦ୍ଧ ଓ କନ୍ଧମାଳ ଆଦି ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ସରକାରୀ ଜମି ଲୁଟ୍ ଉଦ୍ୟମ, ଦୀର୍ଘ ୨୦ ବର୍ଷ ପରେ ମଧ୍ୟ କେସ୍ ର ଫଇସଲା ହୋଇପାରୁନି

ମାଲକାନଗିରି, ୧୪।୯(ପି.ଏନ): ସରକାରୀ ବାବୁ ମାନଙ୍କ ଅବହେଳାରୁ କୋଟି କୋଟି ଟଙ୍କାର ସରକାରୀ ଜମି ଲୁଟ୍ ଉଦ୍ୟମ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ମାଲକାନଗିରି ତହସିଲ ଅନ୍ତର୍ଗତ ମାଲକାନଗିରି ମୌଜାର ସରକାରୀ ଖାତା ନଂ -୧୦୦୭ , ପ୍ଲଟ୍ ନଂ -୪୨୫୯ ଏବଂ ୪୨୬୦ , ଏରିଆ -୦.୩୨୩ କୁ ଅତି ଚଂଚକତା କ୍ରମେ ହଡ଼ପ୍ କରିବାକୁ ଚେଷ୍ଟା କରାଯାଉଛି । ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ, ମାଲକାନଗିରି ଜିଲ୍ଲା ସଦର ମହକୁମାରେ ବସବାସ କରୁଥିବା ଜୈନେକ ମହିଳା ନିଜକୁ ଭୂମିହୀନ ଦର୍ଶାଇ ସିଭିଲ ଜର୍ଜ ଜୁନିୟର ଡିଭିଜନ କୋର୍ଟରେ ଟାଇଟେଲ ସୁଟ ନମ୍ବର ୧୦/୨ କେ ରେ ମିଥ୍ୟା ତଥ୍ୟ ପ୍ରକାଶ କରି ଉକ୍ତ ସରକାରୀ ଜମିକୁ ନିଜ ନାମରେ ପଟ୍ଟା କରାଇ ନେବା ନିମନ୍ତେ ଏକ ହୀନ ପ୍ରୟାସ କରିଥିବା ଜଣାପଡିଛି । ପ୍ରକାଶ ଥାଉ କି, ନିଜ ନାମରେ ଘରବାରୀ ପଟ୍ଟା ( ଖାତା ନଂ ୬୮, ପ୍ଲଟ ନଂ -୪୨୭୭ ମୌଜା-ମାଲକାନଗିରି ) ଥାଇ ମଧ୍ୟ ନିଜକୁ ଭୂମିହୀନ ଦର୍ଶାଇ କୋର୍ଟରେ ମିଥ୍ୟା ତଥ୍ୟ ପ୍ରକାଶ କରି କୋର୍ଟରୁ ଆଦେଶ ପତ୍ର କରାଇ ନେଇଥିଲେ । ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ତଥ୍ୟକୁ ଅନୁଧ୍ୟାନ କଲେ ଏହି ଷଡ଼ଯନ୍ତ୍ରରେ ସେତେବେଳର ବିଭାଗୀୟ ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀ ବୃନ୍ଦଙ୍କ ହାତ ରହିଥିବାର ସମ୍ପୂର୍ଣ୍ଣ ବାରି ହୋଇପଡୁଛି । ଏହା ଏକ ଆଶ୍ଚର୍ଯ୍ୟର ବିଷୟ ଯେ ଉକ୍ତ କେସ୍ ବିରୁଦ୍ଧରେ ସରକାରଙ୍କ ପାଖରେ ଯଥେଷ୍ଟ ତଥ୍ୟ ଓ ପ୍ରମାଣ ଥାଇ ମଧ୍ୟ ସରକାର କିଭଳି ଉକ୍ତ କେସ୍ ହାରି ଯାଇଥିଲେ । ଏଥିରୁ ସରକାରୀ ବାବୁମାନଙ୍କ ସଚୋଟତା, ନିଷ୍ଠାପରତା ଏବଂ ସରକାରଙ୍କ ତରଫରୁ ଲଢୁଥିବା ଆଇନଜୀବିଙ୍କ ବିଜ୍ଞତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତଳ କୋର୍ଟରେ ଉକ୍ତ କେସ୍ ହାରି ଗଲାପରେ ଉପର କୋର୍ଟରେ ଉକ୍ତ ରାୟ ବିରୋଧରେ ସରକାର ଅପିଲ୍ କରିବା ପାଇଁ ସେତେବେଳର ଜିଲ୍ଲାପାଳ ଶ୍ରୀ ଯାଦବଙ୍କ ଆଦେଶକୁ କିପରି ବେଖାତିରି କରି ଉକ୍ତ ଫାଇଲ୍କୁ ଚାପି ଦିଆଯାଇଥିଲା ତାହାର ପ୍ରମାଣ ମିଳୁଛି । ତଳ କୋର୍ଟରେ ଉକ୍ତ କେସ୍ ହାରି ଗଲାପରେ ଉପର କୋର୍ଟରେ ଉକ୍ତ ରାୟ ବିରୋଧରେ ସରକାର ଅପିଲ୍ କରିବାକୁ ଉପଦେଶ ଦେବା ପରିବର୍ତେ ସରକାରୀ ଓକିଲ ଏହାର ଆବଶ୍ୟକତା ନାହିଁ ବୋଲି ମତ ପ୍ରକାଶ କରିଥିଲେ । ଏହି ସମସ୍ତ ବିଷୟ ପୂର୍ବତନ ଜିଲ୍ଲାପାଳ ଆର.ଭିନିଲ୍ କ୍ରୀଷ୍ଣାଙ୍କ ଦୃଷ୍ଟି ଗୋଚରକୁ ଲିଖିତ ଭାବରେ ଆଣିବା ପରେ ତଳ କୋର୍ଟରେ ସିଭିଲ ଜର୍ଜ ଜୁନିୟର ଡିଭିଜନରେ ପ୍ରକାଶ ପାଇଥିବା ରାୟ ବିରୁଦ୍ଧରେ ଦୀର୍ଘ ଦଶ ବର୍ଷ ପରେ ୨୦୧୦ ରେ ଉପର କୋର୍ଟରେ ଅପିଲ କରାଯାଇଥିଲା । ବିଶେଷ ସୂତ୍ରରୁ ବର୍ତମାନ ଶୁଣିବାକୁ ମିଳୁଛି, ଉକ୍ତ ଜମି ହଡ଼ପକାରୀ ମହିଳା ଓ ତାଙ୍କ ପୁଅ ମାନେ ମିଶି କେତେକ ସରକାରୀ ବାବୁଙ୍କ ସହିତ ହାତ ମିଶାଇ ଉକ୍ତ କେସ୍ କୁ କେଉଁ ଉପାୟରେ ଓ କିଭଳି ଜିତି ହେବ ଓ ଉକ୍ତ ସରକାରୀ ଜମି ହଡ଼ପ କରିହେବ ତାହାର କୁଟ ଚକ୍ରାନ୍ତ ଚଳାଇଛନ୍ତି । ଜମି ହଡ଼ପକାରୀଙ୍କ ଠାରୁ ସତର୍କ ରହି ଉକ୍ତ ମୋକଦ୍ଦମାରେ ସରକାରଙ୍କ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନେବା ନିମନ୍ତେ ସାଧାରଣରେ ଦାବି ହେଉଛି ।

## ମଧ୍ୟାହ୍ନ ଭୋଜନ ବିଭ୍ରାଟ ହେବାର ଆଶଙ୍କା : ପାଂଚ ମାସ ହେବ ସରକାରୀ ଅନୁଦାନ ମିଳିନି

ସାଲେପୁର ,୧୪।୯(ପି.ଏନ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ସରକାରୀ ନିୟମାନୁଯାୟୀ ପ୍ରତ୍ୟେକ ଦିନ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି । ଚଳିତ ୨୦୨୨-୨୩ ଶିକ୍ଷା ବର୍ଷ ଆରମ୍ଭ ତଥା ଏପ୍ରିଲ ମାସଠାରୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲିଥିଲେ ମଧ୍ୟ ବିଗତ ୫ ମାସ ହେବ ଏଥିପାଇଁ କୌଣସି ସରକାରୀ ଅନୁଦାନ ଯୋଗାଇ ଦିଆଯାଇ ନାହିଁ । ଯାହାଦ୍ୱାରା ଏଥର ମଧ୍ୟାହ୍ନ ଭୋଜନରେ ବିଭ୍ରାଟ ହେବାର ଆଶଙ୍କା ପ୍ରକାଶ ପାଇଛି । କାରଣ ମଧ୍ୟାହ୍ନ ଭୋଜନ ପରିଚାଳନା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ପରିବା ଦୋକାନୀ ଓ ତେଜରାତି ଦୋକାନରୁ ଆଣୁଥିବା ଜିନିଷପତ୍ର ବାବଦରେ ବହୁ ବାକି ହୋଇଯିବାରୁ ସେମାନେ ଆଉ ସଉଦା ଦେବାକୁ ମନା କରୁଛନ୍ତି ବୋଲି ଶିକ୍ଷକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ଅଧିକ ଛାତ୍ର ଛାତ୍ରୀ ଥିବା ବହୁ ବିଦ୍ୟାଳୟରେ ଚାଲିଥିବା ମଧ୍ୟାହ୍ନ ଭୋଜନ ବାବଦରେ ଦୋକାନ ଗୁଡିକରେ ଲକ୍ଷାଧିକ ଟଙ୍କା ବାକି ହୋଇଥିବା ବେଳେ କେତେକ ବିଦ୍ୟାଳୟରେ ଶିକ୍ଷକମାନେ ହାତରୁ ଟଙ୍କା ଦେଇ ସଉଦା କିଣୁଥିବା ଏବଂ ଆଉ କେତେକ ବିଦ୍ୟାଳୟରେ ଶିକ୍ଷକମାନେ ବେସରକାରୀ ଭାବେ ଋଣ ଆଣି ସେହି ଅର୍ଥରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ଜଣାଯାଇଛି । ଏହି ପାଂଚମାସ ମଧ୍ୟରେ ସ୍କୁଲରେ ମୋଟ ୧୦୮ କାର୍ଯ୍ୟ ଦିବସ ରହିଥିବାରୁ ଏଥିରେ ଛାତ୍ର ଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ମୋଟ ୧୮୩ଟି ବିଦ୍ୟାଳୟରେ ୧୬୧୧୭ ଜଣ ଛାତ୍ର ଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଉଛନ୍ତି । ଏହି ପାଂଚମାସ ମଧ୍ୟରେ ସେମାନଙ୍କର ମଧ୍ୟାହ୍ନ ଭୋଜନ ବାବଦରେ ଏହି ବ୍ଲକକୁ ୫କୋଟି ୬୩ଲକ୍ଷ ୬୬ ହଜାର ୭୧୨ଟଙ୍କା ଯୋଗାଇ ଦିଆଯିବା କଥା ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

## ପୁରାଣ କାହାଣୀ

# ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

# ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟଁଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ସିବିଆଇ ନିରପେକ୍ଷ ହେଉ !



ଏଥିରେ କେହି ଅସହମତି ହେବେ ନାହିଁ ଯେ, ଆମ ଦେଶରେ ଦୁର୍ନୀତିର ଚେର ଅତି ଲମ୍ବା ଓ ଦୃଢ଼। ରାଜନୈତିକ ସ୍ତରରୁ ଆରମ୍ଭ କରି ଅମଲାତନ୍ତ୍ର ଏବଂ ବାଣିଜ୍ୟ ବ୍ୟବସାୟିକ ସ୍ତର ପର୍ଯ୍ୟନ୍ତ ସବୁଠାରେ ଦୁର୍ନୀତିର ଚେର ବ୍ୟାପି ରହିଛି। ରାଜନୀତିକୁ ଦୁର୍ନୀତିମୁକ୍ତ କରିବା ପାଇଁ ଆମ ଦେଶରେ ବହୁ ଆଇନ, କଠୋର ଦଣ୍ଡ ବ୍ୟବସ୍ଥା ଏବଂ କେନ୍ଦ୍ର ଓ ରାଜ୍ୟସ୍ତରରେ ବହୁ ଦୁର୍ନୀତି ନିବାରଣ ଏବଂ ତଦନ୍ତକାରୀ ସଂସ୍ଥା ରହିଛି। ଏବେ କିନ୍ତୁ ରାଜନୀତିରେ ଦୁର୍ନୀତି ସବୁଠୁ ବଳିଯାଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବନାହିଁ। ରାଜନୀତିକୁ ସ୍ୱଚ୍ଛ, ନିର୍ମଳ କରିବା ପାଇଁ ଦୁର୍ନୀତି ବିରୁଦ୍ଧରେ ଲଢେଇ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏବଂ ପ୍ରଶଂସନୀୟ। ମାତ୍ର ଯେଉଁଭଳି ଢାଂଚାରେ ମୁଖ୍ୟ ବିରୋଧିଦଳକୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଟାର୍ଗେଟ କରୁଛନ୍ତି, ଏଥିଲାଗି କେନ୍ଦ୍ର ସରକାର ଏବେ କାଠଗଡାରେ ବୋଲି କୁହାଯାଇପାରେ। କହିବା ବାହୁଲ୍ୟ ଯେ, ଗତ କିଛିବର୍ଷ ହେଲା ବିଶେଷ କରି ବିଜେପି ଶାସନ ଅମଳରେ ବିରୋଧିଦଳ ନେତାମାନଙ୍କୁ ଦୁଇ କେନ୍ଦ୍ରୀୟ ସଂସ୍ଥା ସିବିଆଇ ଏବଂ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି), ଟାର୍ଗେଟ କରି ଆସୁଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଚଳିତ ମାସରେ ଇଡି ଶିବସେନା ନେତା ସଂଜୟ ରାଉତଙ୍କୁ ଗିରଫ କରି ଜେଲ ପଠାଇଥିବାବେଳେ ଏବେ ସିବିଆଇ ଦିଲ୍ଲୀ ସରକାରଙ୍କ ନୂତନ ଅବକାରୀ ନୀତି-୨୦୨୧ର କାର୍ଯ୍ୟକାରିତାରେ ଅଭିଯୋଗ ନେଇ ଦିଲ୍ଲୀର ଉପ-ମୁଖ୍ୟମନ୍ତ୍ରୀ ତଥା ଆପ୍‌ର ବରିଷ୍ଠ ନେତା ମନୀଷ ସିସୋଦିଆଙ୍କ ସମେତ ୧୫ ଜଣଙ୍କ କାର୍ଯ୍ୟାଳୟ ଓ ବାସଭବନରେ ଚଢାଉ କରି ମାମଲା ରୁଜୁ କରିଛି। ଅବଶ୍ୟ ଏହାର ସିବିଆଇ ତଦନ୍ତ ପାଇଁ ଦିଲ୍ଲୀ ଉପ-ରାଜ୍ୟପାଳ ସୁପାରିଶ କରିଥିଲେ। ଉପ-ରାଜ୍ୟପାଳ ସିବିଆଇ ତଦନ୍ତ ସୁପାରିଶ କରିବା ପରେ ଦିଲ୍ଲୀ ସରକାର ତୁରନ୍ତ ନୂତନ ଅବକାରୀ ନୀତି ପ୍ରତ୍ୟାହାର କରିନେଇଥିଲେ। ସିସୋଦିଆଙ୍କ କାର୍ଯ୍ୟାଳୟ ଓ ବାସଭବନ ଉପରେ ପରେ ଯେକୌଣସି ସମୟରେ ତାଙ୍କୁ ଗିରଫ କରାଯିବା ନେଇ ସିବିଆଇର କାର୍ଯ୍ୟାନୁଷ୍ଠାନ ସଂକେତ ପ୍ରଦାନ କରିଛି। ସିସୋଦିଆ ରାଜଧାନୀରେ ଥିବା ଏବଂ ଆତ୍ମଗୋପନ କରିନଥିବା ସତ୍ୱେ ତାଙ୍କ ବିରୁଦ୍ଧରେ 'ଲୁକ୍ ଆଉଟ୍' ସର୍କୁଲାର ଜାରି ଗିରଫ ଆଶଙ୍କାଙ୍କୁ ଦୃଢୀଭୂତ କରିଥିବା ମନେକରାଯାଏ। ଅବଶ୍ୟ ପରେ ଗଣମାଧ୍ୟମରେ ପ୍ରକାଶିତ ଲୁକ୍ ଆଉଟ ସର୍କୁଲାର ଜାରିକୁ ସିବିଆଇ ଅମୂଳକ ବୋଲି ଦର୍ଶାଇ ସ୍ପଷ୍ଟୀକରଣ ଦେଇଥିଲା। ଏବେ ଏହି ମାମଲାର ଇଡି ତଦନ୍ତ କରିପାରେ ବୋଲି କୁହାଯାଉଛି, ତେବେ କେନ୍ଦ୍ରୀୟ ସଂସ୍ଥାର ଏହି କାର୍ଯ୍ୟାନ୍ୱୟନ 'ନୀତି' କିମ୍ବା ରାଜନୀତି କିମ୍ବା ଉଭୟ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ସିବିଆଇର ଚଢାଉ ପରେ ସିସୋଦିଆ ଯାହା କହିଛନ୍ତି, ତାହା ମଧ୍ୟ ରାଜନୈତିକ ଗୁରୁତ୍ୱ ବହନ କରେ। ଏଏପି ସରକାରଙ୍କୁ ଭାଙ୍ଗି ବିଜେପିରେ ଯୋଗଦେଲେ, ତାଙ୍କ ବିରୁଦ୍ଧରେ ସମସ୍ତ ମାମଲାକୁ ପ୍ରତ୍ୟାହାର କରାଯିବ ବୋଲି ବିଜେପି ପ୍ରସ୍ତାବ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହା ଯଦି ସତ୍ୟ ହୋଇଥାଏ, ତେବେ ଅତ୍ୟନ୍ତ ସାଂଘାତିକ ବୋଲି କୁହାଯାଏ। ଅତୀତରେ ଇଡି ଓ ସିବିଆଇର ଚଢାଉର ସମ୍ମୁଖୀନ ହୋଇଥିବା ବହୁ ବିରୋଧିଦଳ ନେତା ଅନୁରୂପ ଅଭିଯୋଗ କରିଥିଲେ, ଯାହାକି ନ୍ୟାୟିକ ତଦନ୍ତସାପେକ୍ଷ। କହିବା ଉଚିତ୍ ଯେ, ଦିଲ୍ଲୀ ସରକାରଙ୍କ ନୂତନ ଅବକାରୀ ନୀତି ୨୦୨୧ ନଭେମ୍ବର ୧୭ ତାରିଖ ଦିନ କାର୍ଯ୍ୟକାରୀ ହୋଇଥିଲା। ଏହି ନୂତନ ନୀତିରେ ମଦ ବ୍ୟବସାୟକୁ ଘରୋଇକରଣ ଓ ଉଦାରୀକରଣ କରାଯାଇଥିଲା। ଯାହାଫଳରେ ଦିଲ୍ଲୀ ସରକାର ୯୫୦୦ କୋଟି ଟଙ୍କାର ଅଧିକ ରାଜସ୍ୱ ସଂଗ୍ରହ କରିବା ଲକ୍ଷ୍ୟ ରଖିଥିଲେ। କିନ୍ତୁ ସିସୋଦିଆ ସମସ୍ତ ନୀତି ନିୟମକୁ ଉଲଂଘନ କରି ମଦ ଲାଇସେନ୍ସ ପ୍ରଦାନ କରି ବହୁ ସୁବିଧା ହାସଲ କରିଛନ୍ତି। ଏଥିରେ ବ୍ୟାପକ କିକ୍‌ବ୍ୟାକ୍ ହୋଇଥିବା ଅଭିଯୋଗ ହୋଇଛି। ଏହି କିକବ୍ୟାକ୍ ଅଭିଯୋଗ ନେଇ ଦିଲ୍ଲୀ ମୁଖ୍ୟ ସଚିବଙ୍କ ରିପୋର୍ଟ ଆଧାରରେ ଉପ-ରାଜ୍ୟପାଳ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଏବେ ଯେଉଁଭଳି ତଦନ୍ତ କରୁଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। କାରଣ ଅତୀତରେ ସିବିଆଇର ଭାବମୂର୍ତିରେ ଆଂଚ ଆସିଛି। ଏଥିପାଇଁ ସୁପ୍ରିମକୋର୍ଟ ସିବିଆଇକୁ ପଂଜୁରୀ ଭିତରେ ଶାରୀ ବୋଲି କହିବାକୁ କୁଣ୍ଠାବୋଧ କରିନଥିଲେ। ଏହାର ଅର୍ଥ ହେଉଛି ପ୍ରଭୁଭକ୍ତ ସିବିଆଇ, କେନ୍ଦ୍ର ସରକାରଙ୍କ ଅଧୀନରେ ସିବିଆଇ ଥିବାରୁ ପ୍ରଭୁର ନିର୍ଦ୍ଦେଶରେ ସିବିଆଇ, ଇଡି ପରି ସଂସ୍ଥା କାର୍ଯ୍ୟ କରୁଥିବା ଅଭିଯୋଗ ଆମ ଦେଶରେ ନୂଆ ନୁହେଁ। କିନ୍ତୁ ଏହା ନିଶ୍ଚିତ ଯେ, ଯେତେବେଳେ ଯେଉଁ ସରକାର କେନ୍ଦ୍ରରେ କ୍ଷମତାସୀନ ହୋଇଛି, ସେତେବେଳେ ତା'ର ନିର୍ଦ୍ଦେଶରେ ସିବିଆଇ କାର୍ଯ୍ୟ କରିଥିବା ଅଭିଯୋଗ ହୁଏ। କଂଗ୍ରେସ ଶାସନ ଅମଳରେ ସିବିଆଇକୁ କଂଗ୍ରେସ ଇନ୍‌ଭେଷ୍ଟିଗେସନ୍ ଟିମ ବୋଲି କୁହାଯାଉଥିଲା। ଏବେ ବିଜେପି କ୍ଷମତାକୁ ଆସିବା ପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ବିରୋଧୀ ନେତା ଓ ବିରୋଧିଦଳ ଦ୍ୱାରା ପରିଚାଳିତ ରାଜ୍ୟ ସରକାରଙ୍କୁ ସିବିଆଇ, ଇଡି ଜରିଆରେ ବିଜେପି ଟାର୍ଗେଟ କରିଆସୁଛି। ଅତ୍ୟନ୍ତ ସଫଳତାର ସହ ନିୟମିତ ଭାବେ କେନ୍ଦ୍ର ସରକାର ବିରୋଧୀଙ୍କ ଦମନ ପାଇଁ ଏହି ଦୁଇ ସଂସ୍ଥାକୁ ପ୍ରୟୋଗ କରୁଛନ୍ତି। ଯେଉଁଥିପାଇଁ କି କେତେକ ବିରୋଧିଦଳ ଶାସିତ ରାଜ୍ୟ ସରକାର ନିଜ ରାଜ୍ୟରେ ସିବିଆଇର ପ୍ରବେଶକୁ ନିଷିଦ୍ଧ କରିଛନ୍ତି। ଦିଲ୍ଲୀ ସରକାରଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ତଦନ୍ତସାପେକ୍ଷ। ତେବେ ସିବିଆଇ, ଇଡି ପରି ସଂସ୍ଥା ନିରପେକ୍ଷ ଭାବେ କାର୍ଯ୍ୟ କରିବା ଦେଶବାସୀ ଚାହାଁନ୍ତି। ନିରପେକ୍ଷତା ହିଁ ଏହି ଦୁଇ ସଂସ୍ଥାର ଗୌରବ, ମର୍ଯ୍ୟାଦାକୁ ବଢାଇବ। ଅନ୍ୟପକ୍ଷରେ ଦୁର୍ନୀତିବିରୋଧୀ ଆନ୍ଦୋଳନରୁ ଜନ୍ମ ଆମ୍-ଆଦମୀ ପାର୍ଟି(ଏଏପି) ନିଜକୁ ଦୁର୍ନୀତିମୁକ୍ତ, ସ୍ୱଚ୍ଛ, ନିର୍ମଳ ବୋଲି ପ୍ରମାଣିତ କରିବା ଜରୁରୀ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

# ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା

ହିମାଂଶୁଶେଖର ଆଚାର୍ଯ୍ୟ



"ଆଜି ହେଉଛି ଆନ୍ତର୍ଜାତିକ ଗଣତନ୍ତ୍ର ଦିବସ। ସାରା ବିଶ୍ୱରେ ଗଣତନ୍ତ୍ରର ଆବଶ୍ୟକତା ସମ୍ପର୍କରେ ଚିନ୍ତା କରିବାର ଦିନଟିଏ। ଗଣତନ୍ତ୍ର କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ର ବା ଅଞ୍ଚଳର ନୁହେଁ, ଏହା ସମଗ୍ର ବିଶ୍ୱର।" ଅନ୍ୟ ଅର୍ଥରେ କହିଲେ ଗଣତନ୍ତ୍ରର ପ୍ରସାର ପ୍ରଚାର ସହିତ ମୂଲ୍ୟବୋଧଭିତ୍ତିକ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଲୋକମାନଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା ଏହାର ମୁଖ୍ୟ ଲକ୍ଷ୍ୟ। ୨୦୦୮ ମସିହାରୁ ସେପ୍ଟେମ୍ବର ୧୫ ତାରିଖକୁ ସାରା ବିଶ୍ୱରେ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି। ୨୦୦୭ ନଭେମ୍ବର ୮ ତାରିଖରେ ଜାତିସଂଘ ସାଧାରଣ ପରିଷଦର ସଭ୍ୟ ରାଷ୍ଟ୍ରବୃନ୍ଦ ସେପ୍ଟେମ୍ବର ୧୫ ତାରିଖକୁ ବିଶ୍ୱ ଗଣତନ୍ତ୍ର ଦିବସ ରୂପେ ପାଳନ କରିବାକୁ ପ୍ରସ୍ତାବ ଗ୍ରହଣ କରିଥିଲେ। ଉଦ୍ଦେଶ୍ୟ ହେଉଛି ପରିବର୍ତ୍ତନଶୀଳ ଦୁନିଆରେ ଗଣତନ୍ତ୍ରର ମୂଲ୍ୟବୋଧ ପ୍ରତିଷ୍ଠା ସହ ମାନବିକ ଅଧିକାର ପ୍ରତି ସମ୍ମାନ ପ୍ରଦାନ କରିବା। ଯାହାକି ଗଣତନ୍ତ୍ରର ଅତ୍ୟାବଶ୍ୟକ ଉପାଦାନ। ବିଶେଷତଃ ମହାମାରୀ କରୋନା କବଳିତ ବିଶ୍ୱରେ ମାନବିକ ଅଧିକାରର ପ୍ରତିଷ୍ଠା ଓ ସୁରକ୍ଷା ଯଥେଷ୍ଟ ଗୁରୁତ୍ୱ ବହନ କରିଥିଲା।

ମିଳିତ ଜାତିସଂଘ ବିଶ୍ୱଶାନ୍ତିରେ ବିଶ୍ୱାସ କରେ। ମାନବିକ ଅଧିକାର ଓ ଆଇନର ଶାସନ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସୁରକ୍ଷିତ ରହିଥାଏ। ଖାଲି ସେତିକି ନୁହେଁ, ଲୋକମାନଙ୍କର ଶକ୍ତ ଇଚ୍ଛା ଓ ସ୍ୱତଃସ୍ଫୂର୍ତ୍ତ ଆଗ୍ରହ ଉପରେ ଏହା ନିର୍ଭର କରେ। ଏହି କଥାକୁ ଆଖିରେ ରଖି ବିଗତ ଦିନମାନଙ୍କରେ ଏହି ଦିବସ ପାଇଁ ଭିନ୍ନ ଭିନ୍ନ ବିଷୟବସ୍ତୁ ରହିଆସିଛି। ସମ୍ପ୍ରତି ବିଶ୍ୱର ଜନସଂଖ୍ୟାର ଏକ ପଞ୍ଚମାଂଶ ହେଉଛନ୍ତି ୧୫ରୁ ୨୫ବର୍ଷ ବୟସର। ଅନେକ ବିକାଶମୁଖୀ ରାଷ୍ଟ୍ରରେ ଏହି ଯୁବକମାନଙ୍କ ସଂଖ୍ୟା ଆହୁରି ଅଧିକ। ବିଭିନ୍ନ ସର୍ବେକ୍ଷଣରୁ ଜଣାପଡିଛି ଯେ କେତେକ କାରଣରୁ ଯୁବକମାନେ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବୀତସ୍ପୃହ ହେବାସହ ଅଣପାରମ୍ପରିକ ଶୈଳୀରେ ଗଣତନ୍ତ୍ରକୁ ଆଦରି ନେବାକୁ ଚାହୁଁଛନ୍ତି। ଫଳରେ ଗଣତନ୍ତ୍ରର ପ୍ରକୃତ ମୂଲ୍ୟବୋଧର ଅବକ୍ଷୟ ଘଟୁଛି। ଏ ଦିଗରେ ସେମାନଙ୍କୁ ସଚେତନ କରିବାପାଇଁ ମିଳିତ ଜାତିସଂଘ ତରଫରୁ ପ୍ରୟାସ ଜାରି ରହିଛି। ଏତଦ୍‌ବ୍ୟତୀତ ରାଜନୀତିରୁ ସହନଶୀଳତା, ଶାଳୀନତା, ସଂଯମତା ଅପସରି ଯାଉଛି। ଅନୀତିକୁ ନୀତି କରିବାର କୌଶଳକୁ ନିର୍ବାଚିତ ପ୍ରତିନିଧିମାନେ ଗ୍ରହଣ କରୁଛନ୍ତି। ଗଣସ୍ୱାର୍ଥ ବ୍ୟକ୍ତିସ୍ୱାର୍ଥ ନିକଟରେ ବଳିପଡୁଛି। ଫଳରେ ଗଣତନ୍ତ୍ର ଶାସନର ସୁଫଳ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ; ଏହାହିଁ ବିଡମ୍ବନା। ସମଗ୍ର ବିଶ୍ୱରେ ଭାରତର ଗଣତନ୍ତ୍ର ସର୍ବଜନାଦୃତ ଓ ଲୋକପ୍ରିୟ ହୋଇପାରିଛି। ୧୯୫୨ ମସିହା ମେ' ୧୩ ତାରିଖରେ ଆମ ଲୋକସଭାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସଂପ୍ରତି ପୃଥିବୀର କେତକ ଦେଶରେ ସାମରିକ ଶାସନ ବା ଏକଛତ୍ରବାଦୀ ଶାସନ ଯୋଗୁଁ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଥିବା ବେଳେ ବହୁ ଘାତପ୍ରତିଘାତ ମଧ୍ୟରେ ପୃଥିବୀର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ଭାରତ ଆଜି ତା'ର ସୁସ୍ଥ ଓ ଦୃଢ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ବେଶ୍ ପ୍ରଶଂସିତ ହୋଇପାରିଛି। ଏସବୁ ସଫଳତା ସତ୍ତ୍ୱେ ବର୍ତ୍ତମାନ ସବୁଠାରୁ ବଡ ସମସ୍ୟା ହେଉଛି ଆମ ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରକୁ ପଶି ଆସୁଛନ୍ତି ଅପରାଧ ପୃଷ୍ଠଭୂମିର ଲୋକମାନେ। ଶସ୍ତା ରାଜନୀତି ଦେଶ ପାଇଁ କାଳ। ଜର୍ଜ ବର୍ଣ୍ଣାଡ ସ'ଙ୍କ ମତରେ ବୁଦ୍ଧିଜୀବୀମାନେ ରାଜନୀତିକୁ "ସୈତାନର ଆଶ୍ରୟ ସ୍ଥଳୀ" ବୋଲି ଭାବୁଛନ୍ତି। ତେଣୁ ସେମାନେ ନିର୍ବାଚନ ପ୍ରକ୍ରିୟାରୁ ନିରାପଦ ଦୂରତାରେ ରହିବାକୁ ପସନ୍ଦ କରୁଛନ୍ତି। ଫଳରେ ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିବିଶେଷ ସଂସଦ ଓ ବିଧାନସଭାକୁ ନିର୍ବାଚିତ ହୋଇଆସୁଛନ୍ତି। ଏହି ପରମ୍ପରା କ୍ରମଶଃ ବଢିବାରେ ଲାଗିଛି। ଗତ ନିର୍ବାଚନରେ ବିଧାନସଭାକୁ ନିର୍ବାଚିତ ବିଧାୟକମାନଙ୍କ ମଧ୍ୟରୁ ୩୫ ପ୍ରତିଶତ ଜଣଙ୍କ ନାମରେ ଅପରାଧ ମାମଲା ଥିବାବେଳେ ସେଥିମଧ୍ୟରୁ ୭୬ ଜଣ କୋଟିପତି ତାଲିକାରେ ଅଛନ୍ତି। ସେହିପରି ୩୪ ପ୍ରତିଶତ ସାଂସଦଙ୍କ ବିରୁଦ୍ଧରେ ଅପରାଧ ମାମଲା ଥିବାବେଳେ ୮୨ ପ୍ରତିଶତ ସାଂସଦ କୋଟିପତି ତାଲିକାରେ ଅଛନ୍ତି। ଚଳିତ ନିର୍ବାଚନରେ ଏହି ସଂଖ୍ୟା ଆହୁରି ବଢିଛି। ଏପରି ହେଲେ ଗଣତନ୍ତ୍ର କିପରି ଗୁଣାତ୍ମକ ହେବ, ତାହା ଏବେ ଚିନ୍ତା କରିବାର ସମୟ ଆସିଛି। ଗଣତନ୍ତ୍ର ଶାସନରେ ସଂସଦ ଓ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏଠାରେ ଦେଶ ଓ ରାଜ୍ୟ ପାଇଁ ଶାସନ ଖସଡା ତିଆରି ହୁଏ। ଏବେ ଦିନକୁ ଦିନ ଆମ ସଂସଦୀୟ କାର୍ଯ୍ୟ ପ୍ରଣାଳୀରେ ଘୋର ଅବକ୍ଷୟ ଦେଖାଗଲାଣି। ଅଧିବେଶନଗୁଡିକର କାର୍ଯ୍ୟଦିବସ ଦିନକୁ ଦିନ କମିବାରେ ଲାଗିଛି। ପରିସଂଖ୍ୟାନ କୁହେ, ୧୯୯୮ ପରଠାରୁ ସଂସଦର କାର୍ଯ୍ୟଦିବସ ଯଥେଷ୍ଟ ହ୍ରାସ ପାଇଛି। ଏବେ ଗୃହକାର୍ଯ୍ୟ ୫୦ରୁ ୬୦ ଦିନ ଭିତରେ ସୀମିତ ରହୁଛି। ସୂଚନାଯୋଗ୍ୟ ଯେ ୧୯୫୨ ମସିହାରେ ୧୫୦ଟି ଅଧିବେଶନ ବସିଥିଲା। ଅପରପକ୍ଷରେ ଅଧିବେଶନମାନଙ୍କରେ ସଭ୍ୟମାନଙ୍କର ଉପସ୍ଥିତି ମଧ୍ୟ ଆଶାନୁରୂପ ହେଉନାହିଁ। ଏପରିକି କେତେକ ସଦସ୍ୟ ଦୀର୍ଘଦିନଧରି ଅନୁପସ୍ଥିତ ରହିବାର ଘଟଣା ଦେଖିବାକୁ ମିଳୁଛି। ସେହିପରି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଆଳ କରି ହୋ-ହାଲ୍ଲା କରିବା ସହ ଅଧିବେଶନକୁ ଜୋର ଜବରଦସ୍ତ ମୁଲତବୀ କରାଇବା ଏକ ଅଭ୍ୟାସରେ ପରିଣତ ହେଲାଣି। ଏଭଳି ଘଟଣା ମଧ୍ୟ ରାଜ୍ୟ ବିଧାନସଭାକୁ ବ୍ୟାପିଲାଣି। ସବୁଠୁ ବଡ କଥା ହେଉଛି ରାଜନୀତିକୁ ପରିବାରବାଦ ଗ୍ରାସ କରିଛି। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।



ସମଗ୍ର ବିଶ୍ୱରେ ଗଣତନ୍ତ୍ର ଏକ ଅପ୍ରୀତିକର ସ୍ଥିତିରେ ଗତିକରୁଛି। ବିଗତ ଦିନରେ ବାଙ୍ଗାଲୋରର ଜଣେ ବିଶିଷ୍ଟ ସାମ୍ବାଦିକ ଗୌରୀ ଲଙ୍କେଶଙ୍କୁ ଜଣେ ଆତତାୟୀ ହତ୍ୟା କରିଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସତ୍ୟନିଷ୍ଠ ଖବର ପ୍ରକାଶପାଇଁ କେବଳ ଆମ ଦେଶରେ ନୁହେଁ, ବିଶ୍ୱର ବିଭିନ୍ନ ଦେଶରେ ଏହିଭଳି ଘଟଣାମାନ ଘଟୁଛି। ଏକ ତଥ୍ୟ ଅନୁସାରେ ୨୦୧୬ରେ ବିଶ୍ୱରେ ୧୨୨ଜଣ ସାମ୍ବାଦିକ ଓ ଗଣମାଧ୍ୟମର କର୍ମଚାରୀଙ୍କୁ ହତ୍ୟା କରାଯାଇଅଛି। ଭାରତରେ ମଧ୍ୟ ୫ଜଣଙ୍କୁ ମୁକ୍ତମତ ପ୍ରକାଶ କରିଥିବାରୁ ହତ୍ୟା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଗଣତନ୍ତ୍ରର ସୁପରିଚାଳନାପାଇଁ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ବିଚାର ବିଭାଗର ଯେତିକି ଦାୟିତ୍ୱ ରହିଛି, ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ମଧ୍ୟ ସେତିକି ଗୁରୁତ୍ୱ ରହିଛି। ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର-ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ କରିପାରିଛି। କିନ୍ତୁ ବେଳେବେଳେ ସମ୍ବାଦପତ୍ର ସତ୍ୟ, ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିପାରେନାହିଁ। ଫଳରେ ଗଣମାଧ୍ୟମର ସ୍ୱର ସଂକୁଚିତ ହୋଇଯାଏ। ଏଥିପ୍ରତି ସମସ୍ତେ ସଜାଗ ରହିଲେ ଗଣତନ୍ତ୍ରର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ। ଏହାହିଁ ଆନ୍ତର୍ଜାତିକ ଗଣତନ୍ତ୍ର ଦିବସର ଅନୁଚିନ୍ତା।

*-ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

## +୨ ଜୁନିଅର କଲେଜ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶେଷ

ଧର୍ମଶାଳା (ପିଏନ୍): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଲେଜ ଗୁଡିକରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ନାମ ଲେଖା ଶେଷ ହୋଇଛି। ଧର୍ମଶାଳା ବ୍ଲକର ୮ ଗୋଟି କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୨୯୪ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୨୨୫ଜଣ ନାମ ରେଖାଇଛନ୍ତି। ଏହି ୮ ଗୋଟି କଲେଜର ବିଭିନ୍ନ ବିଭାଗରେ ଦ୍ୱିତୀୟ ପର୍ଯ୍ୟାୟ ସୁଦ୍ଧା ୨୦୩୦ଜଣ ନାମ ଲେଖାଇଥିବା ବେଳେ ୧୨୦ଜଣ ଅନ୍ୟ କଲେଜରେ ନାମ ଲେଖାଇବା ପାଇଁ କଲେଜ ଲିଭିଂ ସାର୍ଟିଫିକେଟ ନେଇ ଯାଇଥିବା ଜଣାଯାଇଛି। ବ୍ଲକର ୮ ଗୋଟି କଲେଜରେ କଳାରେ ୧୮୩, ବିଜ୍ଞାନରେ ୧୧୦ ଓ ବାଣିଜ୍ୟରେ ୫୧ ସିଟ ବଳକା ରହିଛି। ଧର୍ମଶାଳା +୨ କଲେଜରେ କଳାରେ ୧୧ଗୋଟି ବିଜ୍ଞାନରେ ୨୬ ସିଟ ମଧ୍ୟରୁ ବାଣିଜ୍ୟରେ ୪୧ଟି ସିଟ ବଳକା ରହିଛି। ବଜ୍ରଗିରି +୨ କଲେଜରେ କଳାରେ ୧୫ଗୋଟି ସିଟ ଓ ବିଜ୍ଞାନରେ ସମସ୍ତ ୯୬ ସିଟ୍ ପୂରଣ ହୋଇଯାଇଛି। ଜଗନ୍ନାଥଜୀୟୁ +୨ କଲେଜରେ କଳାରେ ୫୭ ସିଟ ବଳକା ରହିଥିବା ବେଳେ ବିଜ୍ଞାନରେ ସମସ୍ତ ୬୪ଟି ସିଟ ପୂରଣ ହୋଇଯାଇଛି । ଧର୍ମଶାଳା ମହିଳା +୨ କଲେଜରେ କଳାରେ ୬ ଗୋଟି ସିଟ, ଜେନାପୁର+୨ କଲେଜ କଳାରେ ୪ ଗୋଟି ସିଟ ବଳକା ରହିଛି। ରେନେଁସା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୦୮ ଗୋଟି ସିଟ ବଳକା ରହିଥିବା ବେଳେ ବିଜ୍ଞାନରେ ୭ ଗୋଟି ସିଟ ବଳକା ରହିଛି। ସେହିପରି ମୁକୁନ୍ଦପାତ୍ର +୨ କଲେଜରେ କଳାରେ ୧୧ ଗୋଟି ସିଟ ବଳକା ରହିଥିବା ବେଳେ ବିଜ୍ଞାନରେ ୧୧୦ ଗୋଟି ସିଟ ବଳକା ରହିଛି। ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୨୬ ଗୋଟି ସିଟ ବଳକା ରହିଛି ବୋଲି ସମ୍ପୃକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପୁନଶ୍ଚ ଗତ ୧୦ ତାରିଖରୁ ୨୭ ତାରିଖ ମଧ୍ୟରେ ଆବେଦନ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଟ୍ରକ ଚୋରି ଘଟଣାରେ ୯ ଗିରଫ: ଟ୍ରକ୍, କାର୍ ଓ ଟଙ୍କା ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପୁଲିସ ଏକ ଟ୍ରକ ଚୋରୀ ଘଟଣାରେ ତଦନ୍ତ କରି ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଏକ ଚୋରୀ ଟ୍ରକ ଓ ନଗଦ ୨ ଲକ୍ଷ ୪୫ ହଜାର ଟଙ୍କା ଜବତ କରିଛି। ସୂଚନା ମୁତାବକ ଆରୁହା ପଂଚାୟତ ଆଳିଜଙ୍ଗା ଗ୍ରାମର ସୋମିତ କୁମାର ନାୟକଙ୍କ ଆରୁହା ନିକଟସ୍ଥ ଏକ କ୍ରସରରେ ସିଜେ-୧୫-ଏସି-୧୨୮୬ନଂ ଟ୍ରକ ରହିଥିବା ବେଳେ କେହି ଦୁର୍ବୃତ୍ତ ଟ୍ରକଟିକୁ ଚୋରୀ କରି ନେଇଥିଲେ। ଏନେଇ ସୋମିତ ଗତ ୧୧ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୫୧୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ କ୍ରସର ନିକଟରେ ରହୁଥିବା ଏକ ଆଦିବାସୀ ପରିବାରଠାରୁ ଟ୍ରକ ଚୋରୀ ସମ୍ପର୍କରେ ସୁରାକ ପାଇ ଭଡଙ୍ଗା ଗ୍ରାମର ବିକ୍ରମ ନାୟକ (୩୬)ଙ୍କୁ ଥାନାରେ ରଖି ପୁଲିସ ପଚରାଉଚହରା କରିଥିଲା। ପଚରାଉଚରାରେ ଟ୍ରକ ଚୋରୀ ର୍ୟାକେଟ ସମ୍ପର୍କରେ ସବୁ ତଥ୍ୟ ମିଳିଥିଲା। ଏହି ତଥ୍ୟ ଆଧାରରେ ପୁଲିସ ପ୍ରଥମେ ବଡଚଣା ଥାନା ସୁଙ୍ଗୁଡା ଗ୍ରାମର ଜିଲ୍ଲାସ୍ତରୀୟ ଯୁବନେତା ଅଶ୍ୱଜିତ ରାଉତଙ୍କ ସମେତ ସେହି ଗ୍ରାମର ମହମ୍ମଦ ନାସର (୨୯), କୋହ୍ଲା ସାହିର ସୌମ୍ୟଶ୍ରୀ ଜେନା (୨୬), ଧର୍ମଶାଳା ଥାନା ନେଉଳପୁର ଗ୍ରାମର ରମେଶ ପରିଡା (୩୮), ବାଲିଚନ୍ଦ୍ରପୁର ଥାନା ମହିପୁର ଗ୍ରାମର ବିଶ୍ୱଜିତ ସାମଲ (୩୧)ଙ୍କୁ ଗିରଫ କରିଥିଲା। ଯାଜପୁର ଜିଲ୍ଲାର ଏହି ୬ ଜଣ ଟ୍ରକ ଲୁଟେରା ବିଭିନ୍ନ ସ୍ଥାନରୁ ଟ୍ରକ ଚୋରି କରି ନେଇ କଲିକତାରେ ବିକ୍ରି କରୁଥିଲେ। କଲିକତାରେ ଚୋରାରେ ଟ୍ରକ କିଣୁଥିବା ଦୁର୍ବୃତମାନେ ଟ୍ରକକୁ କାଟି ତା'ର ସମସ୍ତ ସରଂଜାମକୁ ଅନ୍ୟତ୍ର ବିକ୍ରି କରି ବେଶ ମୁନାଫା ପାଉଥିଲେ। ତେବେ ଆରୁହା ପାଖରୁ ଚୋରୀ ହୋଇଥିବା ଟ୍ରକକୁ କଲିକତାରେ କଟା ଚାଲିଥିବା ବେଳେ ପୁଲିସ ଅଧା କଟା ଟ୍ରକକୁ ସେଠାରୁ ଜବତ କରିଥିଲା। ଆଉ ଏକ ଟ୍ରକ କିଣିବା ପାଇଁ କଲିକତାରୁ ଚଣ୍ଡିଖୋଲ ଅଂଚଳକୁ ଡବ୍ଲୁବି-୦୮-ଏଲ-୧୭୮୬ କାରରେ ଆସିଥିବା ବିହାର ପାଟନା ଅଂଚଳର ଗୁଡ୍ଡୁ ଠାକୁର (୪୦), କଲିକତାର ଆଜୟ କୁମାର ସ (୩୬) ଓ ଅବନିତ ସ (୩୬)ଙ୍କୁ ପୁଲିସ ଗିରଫ କରିବା ସହ କାର ଓ ଟ୍ରକ କିଣିବା ପାଇଁ ସେମାନେ ଆଣିଥିବା ୨ ଲକ୍ଷ ୪୫ ହଜାର ଟଙ୍କା ଓ ୪ ଗୋଟି ମୋବାଇଲ ଫୋନକୁ ଜବତ କରିଥିଲା। ଏହି ଲୁଟେରାମାନେ ଅନ୍ୟ ଗାଡି ଚୋରୀରେ ସମ୍ପୃକ୍ତି ଥିବା ନେଇ ପୁଲିସ ଏମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଧର୍ମଶାଳା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ ଏସଡିପିଓ ପ୍ରମୋଦ ମଲିକ ଓ ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ସମସ୍ତ ୯ଜଣ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଗତମାସ ୨୫ ତାରିଖରେ ଏହି ଥାନା ନେଉଳପୁର ବଜାରରୁ ଏଟିଏମ ମେସିନ ଲୁଟ ଘଟଣାରେ ପୁଲିସ ୪ ଦିନ ମଧ୍ୟରେ ଘଟଣାର ପର୍ଦ୍ଦାଫାସ କରିବା ସହ ରାଜସ୍ଥାନ ଅଂଚଳର ୫ ଅଭିଯୁକ୍ତଙ୍କ ସମେତ ଓଡିଶାର ୨ ଜଣ ମୋଟ ୭ଜଣଙ୍କୁ ଗିରଫ କରିବା ସହ ଲୁଟ ଟଙ୍କା ଓ ଏଟିଏମ ମେସିନକୁ ଉଦ୍ଧାର କରିଥିଲା।

*"ରକ୍ତଦାନ ସେବା ସମ୍ମାନ" ପ୍ରଦାନ*

## ଦୁର୍ଘଟଣା ପିଡ଼ିତଙ୍କ ପାଇଁ ରକ୍ତଦାନ



ଭୁବନେଶ୍ୱର(ପିଏନ୍): ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ସାହାଯ୍ୟ ଅନୁଷ୍ଠାନ ପକ୍ଷରୁ ଦୁର୍ଘଟଣା ପିଡ଼ିତଙ୍କ ପାଇଁ ଏକ ରକ୍ତଦାନ ଶିବିର ପୁରୁଣା ଭୁବନେଶ୍ୱର ବାସୁଦେବ ରିସୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଚମ୍ପାବତୀ ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଶାସକ ତଥା ଖୋର୍ଦ୍ଧା ଜିଲ୍ଲାପାଳ ରଘୁନାଥ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଲିଙ୍ଗରାଜ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ସରୋଜ କୁମାର ସାହୁ, ଓଡ଼ିଶା ସମାଜସେବୀ ମହାସଂଘ ସଭାପତି ନାରାୟଣ ଚନ୍ଦ୍ର ଓଝା, ଉପ ସଭାପତି ଆଦିତ୍ୟ ମହାପାତ୍ର, ଡାକ୍ତର ରଞ୍ଜିତା ମହାପାତ୍ର, ଡାକ୍ତର ଅରବିନ୍ଦ ମହାପାତ୍ର, କ୍ଷିରୋଧ କୁମାର ଦାସ ପ୍ରମୁଖ ସାମିଲ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଓ ରକ୍ତ ଭଣ୍ଡାର ଡାକ୍ତର ଅନନ୍ୟା ମିଶ୍ର, ପ୍ରଣତି ଦାଶ, ସୁବ୍ରତ କୁମାର ସେଠୀ, ନରେନ୍ଦ୍ର ଭୋଇ, ମାନସ କୁମାର ସାହୁ, ପ୍ରେମାଞ୍ଜନ ପରିଚ୍ଛାଙ୍କୁ "ରକ୍ତଦାନ ସେବା ସମ୍ମାନ" ପ୍ରଦାନ କରାଯାଇଥିଲା।

## ଶ୍ରଦ୍ଧା

••••ଡ. ପ୍ରତିଭା ମହାରଥୀ•••

ନର୍ମଦା ଓ ରଘୁନାଥଙ୍କର ପୁଅ ବୈଭବ ଇଲେକ୍ଟ୍ରିକାଲ୍ ଇଂଜିନିୟର। ଅମ୍ରିତା ସହ ତା'ର ବିବାହ ହେବାର ଦୁଇ ବର୍ଷ ପରେ ଭଉଣୀ ବୈଶାଖୀର ବିବାହ ହୋଇଗଲା ପ୍ରୀତମ୍‌ଙ୍କ ସହ। ଗୋଟିଏ ପ୍ରାଇଭେଟ୍ କମ୍ପାନୀରେ ପ୍ରୀତମ୍ ମଧ୍ୟ କମ୍ପ୍ୟୁଟର ଇଂଜିନିୟର ଅଛନ୍ତି। ବୈଶାଖୀ ବିବାହ ପରେ ପ୍ରୀତମ୍‌ଙ୍କ ନିର୍ଦ୍ଦେଶରେ ଚାକିରି ଛାଡ଼ିବାକୁ ବାଧ୍ୟ ହୋଇଥିଲା। ଘରେ ଶାଶୁ, ଶ୍ୱଶୁର ଓ ବୁଢ଼ୀ ମା' ସମସ୍ତେ ରୋଗଶଯ୍ୟାରେ। ଏ ସମସ୍ତଙ୍କର ସେବା, ନିଜ ସ୍ୱାମୀର ସେବା ଏବଂ ପୁଅ ବବୁଲ୍‌ର କାମ କରି କରି ଅଣନିଶ୍ୱାସୀ ହେଇଯାଏ ବୈଶାଖୀ। ପ୍ରତ୍ୟେକ ଦିନ ସକାଳୁ ଉଠିବାଠୁ ବିଳମ୍ବିତ ରାତିରେ ବିଛଣାକୁ ଯିବା ପର୍ଯ୍ୟନ୍ତ ମେସିନ୍ ପରି ଖଟୁଥାଏ ବିଚାରୀ। ଥକି ପଡ଼ିଲେ ବିଶ୍ରାମ ନେବାକୁ ସମୟ ନଥାଏ। ହାତ ପାଦ ଅବଶ ହୋଇଗଲେ ବି କେହି ଜଣେ କହିବାକୁ ନାହିଁ, "ଟିକିଏ ବସିଯା ମା, ଢେର ଖଟିଲୁଣି।"

ମନେ ମନେ ବିରକ୍ତ ହୁଏ ବାପା ମା'ଙ୍କ ଉପରେ। କାହିଁକି ଯେ ତା'ର ଏତେ କମ୍ ବୟସରେ ବିବାହ କରାଇଦେଲେ? ତା' ସାଙ୍ଗ ସାଥୀମାନେ ଏବେ ବି ଅବିବାହିତା। ବେଶ୍ ମଉଜ ମସ୍ତି କରୁଛନ୍ତି। ଆଉ ସେ ପିଲାର ମା ହେଇସାରିଲାଣି। ତା ସାଥୀରେ ତିନି ତିନିଟା ରୋଗୀଙ୍କର ସେବା, ନିଜ ଛୁଆଟିର କାମ, ସ୍ୱାମୀଙ୍କର କାମ, ତା ସାଥୀରେ ଘର ଗୋଟାକର ସମସ୍ତ କାର୍ଯ୍ୟ। ଆଉ ଭାବିପାରେନି। ଆଖିରୁ ଠୋପା ଠୋପା ଲୁହ ନିଗିଡ଼ିପଡ଼େ। ଲୁଗା କାନିରେ ଲୁହ ପୋଛି ପୁଣି ଆରମ୍ଭ କରିଦିଏ ଅଭ୍ୟାସରେ ପଡ଼ି ଯାଇଥିବା ନିତିଦିନିଆ କାମ। ବୁଢ଼ୀ ମା'କୁ ପଥି, ଶାଶୁଙ୍କ ଔଷଧ, ଶ୍ୱଶୁରଙ୍କ ସେବା ଇତ୍ୟାଦି ଇତ୍ୟାଦି। ଭାବେ କେବେ ଥରେ କଣ ନିସ୍ତାର ମିଳିବ ତାକୁ ଏସବୁ କାମରୁ। ଏହି ସମୟରେ ଗାଁରୁ ଭାଇ ଫୋନ୍ କଲେ, ବାଥ୍‌ରୁମ୍‌ରେ ପଡ଼ି ମା'ର ଗୋଡ଼ ଭାଙ୍ଗିଯାଇଚି। ବିଚାରି କାନ୍ଦିଲା ବସି, ହେଲେ ଦେଖିବାକୁ କିପରି ଯିବ? ହଁ ପ୍ରୀତମ୍ ଅଫିସ୍‌ରୁ ଫେରିଲେ। ଭଉଣୀ ରାଜଶ୍ରୀକୁ ଶାଶୁଘରୁ ନେଇଆସିଲେ କିଛିଦିନ ପାଇଁ। ସିଏ ଘର ସମ୍ଭାଳିଲା, ଆଉ ବୈଶାଖୀ ବାପଘରକୁ ଗଲା। ବୋଉର ଗୋଡ଼ ଭାଙ୍ଗିବା ଘଟଣାରେ ଯେତିକି ମର୍ମାହତ, ଘରକୁ ଯିବାକୁ ଛୁଟି ମିଳିଥିବାରୁ ସେତିକି ଆନନ୍ଦିତ ମଧ୍ୟ ବୈଶାଖୀ। ଘରେ ପହଞ୍ଚିଲା। ଭାଉଜ ଅମ୍ରିତା ସବୁ କାମ ଏକା ଏକା କରୁଥିଲେ। ବୈଶାଖୀ ଶାଶୁଘରୁ ଖଟିଖଟି ଏତେଦିନ ପରେ ବାପଘର ଆସିଥିବାରୁ ତାକୁ କୁଟା ଖଣ୍ଡକ ଦି'ଖଣ୍ଡ କରିବାକୁ ଦଉନଥିଲେ। ଅନ୍ୟଠାରେ ଥିବା ସଦ୍‌ଗୁଣକୁ ଚିହ୍ନିବା ଓ ଅନୁକରଣ କରିବା ଏକ ମହାନ୍ କଳା ଅଟେ। ଅମ୍ରିତାକୁ ଏତେ କାମ ଏକା ଏକା ଖୁବ୍ ଖୁସିରେ, ଆନନ୍ଦରେ କରୁଥିବାର ଦେଖି ଆଶ୍ଚର୍ଯ୍ୟ ହେଲା ବୈଶାଖୀ। ତା ମା'ର ସେବା, ଡାଇବେଟିସ୍ ରୋଗୀ ତା ବାପାଙ୍କ କାମ, ତା ଭାଇର ସମସ୍ତ କାମ ଏବଂ ପୁଅ ଟିକୁନ୍‌ର କାମ। ଏତେ କାମ କରୁଥିଲେ ବି ହାଲିଆ ହୋଇ ପଡୁନଥିଲା ସେ। ସବୁବେଳେ ମୁହଁରେ ଧାରେ ହସ ଲାଖି ରହୁଥିଲା। କାରଣ ସେ ଜାଣିଥିଲା ଯେ ହସ ଏପରି ଏକ ଔଷଧ, ଯାହା ଅନେକ ସମୟରେ ଯନ୍ତ୍ରଣାକୁ କମ୍ କରେ। ତା ସାଥୀରେ ଏତେ ସ୍ୱାଦିଷ୍ଟ ରୋଷେଇ କରିପାରୁଥିଲା ଯେ ବାପା, ମାଆ, ଭାଇ ତାକୁ ପାଇ କୃତ୍ୟକୃତ୍ୟ ହେଉଥିଲେ। ପ୍ରକୃତରେ ଖୁସି ଏକ ବୌଦ୍ଧିକ ବିଚାର ନୁହେଁ, ଖୁସି ଏକ ଧାରଣା ବି ନୁହେଁ, ଖୁସି ଏକ ପ୍ରୟୋଗ ମାତ୍ର। ସବୁକଥା ନିରୀକ୍ଷଣ କରି ଆଶ୍ଚର୍ଯ୍ୟ ହେଇଗଲା ବୈଶାଖୀ। ବାପ ଘରକୁ ଆସିବା ଗୋଟିଏ ଦିନ ହେଇଛି, ଅମ୍ରିତାକୁ ପଚାରିଲା ବୈଶାଖୀ, "ଏତେ କାମ କରି କରି ଘଡ଼ିଏ ଥକି ପଡୁନାହଁ କେମିତି? ପୁଣି ମୁହଁରେ ହସ ସବୁବେଳେ, ତୁମେ କଣ ମ୍ୟାଜିକ୍ ଜାଣିଛ! ମୋତେ ଟିକେ ବତେଇ ଦିଅନା!"

ହସି ହସି କହିଲା ଅମ୍ରିତା, କିଛି ମ୍ୟାଜିକ୍ ନୁହେଁମ, କେବଳ କାମ ପାଇଁ ଶ୍ରଦ୍ଧା ଆଉ ପ୍ରେମ ଟିକିଏ ଯୋଡ଼ିଦେବା ହିଁ ମୁଖ୍ୟକଥା। ପ୍ରେମ ମସ୍ତିଷ୍କରୁ ନୁହେଁ, ହୃଦୟରୁ ହିଁ କରାଯାଏ। ମୁଁ ବାପା ମାଆଙ୍କ ସେବାକୁ ମୋର ଶ୍ରେଷ୍ଠ ଧର୍ମ ବୋଲି ଭାବେ। ତୁମ ଭାଇଙ୍କ କାମକୁ ମୋର ମହାନ୍ କର୍ତ୍ତବ୍ୟ ବୋଲି ଭାବିନିଏ, ଆଉ ଟିକୁନ୍‌ର ସେବାତ ଈଶ୍ୱର ସେବା ତୁଲ୍ୟ ଅଟେ। କରୁଥିବା ପ୍ରତ୍ୟେକ କାମରୁ ମୁଁ ସନ୍ତୋଷ ଓ ଆନନ୍ଦ ପାଇଥାଏ। ତେଣୁ ମୁଁ କେବେ ବି ଥକି ପଡ଼େନି, ବାସ୍ ଏ ସବୁ କାମ କରିବାର ସୁଯୋଗ ମୋତେ ମିଳିଥିବାରୁ ମୁଁ ନିଜକୁ ପରମ ଭାଗ୍ୟବତୀ ମନେକରେ। ହୃଦୟରେ ଶ୍ରଦ୍ଧା ଆଉ ପ୍ରେମର ଶିଖା ପ୍ରଜ୍ୱଳିତ ହେଲେ ଅହଙ୍କାର ଧ୍ୱଂସ ହୋଇଯାଏ। କାରଣ ଶ୍ରଦ୍ଧା ଓ ପ୍ରେମ ପାଖରେ ସ୍ୱାର୍ଥ ନଥାଏ, ଥାଏ ତ୍ୟାଗ, ସମର୍ପଣ, ଆଉ ନିଜକୁ ହଜାଇ ଦେବାର ସ୍ୱର୍ଗୀୟ ଗୁଣ ଗୁଡ଼ିକ।



ବୈଶାଖୀ ଭାବିଥିଲା ଘରେ ଆଠ/ଦଶଦିନ ବିଶ୍ରାମ ନେଇ ଫେରିବ। ମାତ୍ର ଅମ୍ରିତାର କଥାରେ ଏତେ ପ୍ରଭାବିତ ହୋଇଗଲା ଯେ, ଦ୍ୱିତୀୟ ଦିନ ଶାଶୁଘର ଯିବାକୁ ବାହାରି ପଡ଼ିଲା। ବାପା, ମାଆ, ଭାଇ, ଭାଉଜ କାହାରି କଥା ଶୁଣିଲାନି। ତାକୁ ତା ରୋଗଣୀ ଶାଶୁ, ବୃଦ୍ଧ ଶ୍ୱଶୁର ଓ ଶଯ୍ୟାଶାୟୀ ବୁଢ଼ୀ ମା'ଙ୍କ ମୁହଁ ଦେଖାଗଲା। ତା ସ୍ୱାମୀ କିପରି ହଇରାଣ ହେଉଥିବେ, ସେ ଚିନ୍ତା ମଧ୍ୟ ଘାରିଲା। ଘରେ ପହଞ୍ଚିଲା ପରେ ନଣନ୍ଦ ବିଦାୟ ନେଲେ ଆଉ ଆରମ୍ଭ ହେଇଗଲା ତାର ସବୁଦିନିଆ କାମ। ବଡ଼ ଆଶ୍ଚର୍ଯ୍ୟ କଥା ଏବେ ଏତେ କାମ ଏକା ଏକା କରୁଥିଲେ ବି ଆଉ ମୋତେ ଆଗପରି ଥକି ପଡୁନି ବୈଶାଖୀ। ସବୁବେଳେ ଖୁସି ମିଜାଜ୍‌ରେ ମଧ୍ୟ ରହୁଛି। ହଠାତ୍ ପ୍ରୀତମ୍ ପଚାରିଦେଲେ, "ବୈଶାଖୀ ଏବେ ଏତେ ଖୁସି ରହୁଛ ଯେ, ରହସ୍ୟ କ'ଣ?" ବୈଶାଖୀ ହସି ହସି ଉତ୍ତରଦେଲା, "ଆଗରୁ କାମକୁ କର୍ତ୍ତବ୍ୟ ଭାବିଥିଲି, ଆଉ ଏବେ ତା' ସହିତ ମିଶାଇଦେଲି ମୋ ମନର ଶ୍ରଦ୍ଧା ଓ ପ୍ରେମ ଟିକକ।"

*-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୧୫**

# ମଣିଷର ଚେତନା ଶକ୍ତିକୁ ଜାଗ୍ରତ କରିଥାଏ ମନ



ମଣିଷର ଯାହା ଆବଶ୍ୟକ, ତାହା ହେଲା ଏକ ସର୍ବୋଚ୍ଚ ଶକ୍ତିରେ ବିଶ୍ୱାସ । ଯେଉଁ ଶକ୍ତିର ଅଧୀନରେ ସମଗ୍ର ବିଶ୍ୱ ରହିଛି, ଯାହା ମନ ଓ ଇନ୍ଦ୍ରିୟର ଅଧୀନ ନୁହେଁ ଓ ଯାହା ବୁଦ୍ଧିକୁ ମଧ୍ୟ ପରିଚାଳିତ କରିଥାଏ । ସେହି ବିଶ୍ୱ ଶକ୍ତିରେ ବିଶ୍ୱାସ ତଥା ତାକୁ ଜାଣିବା ଲାଗି ଧ୍ୟାନ ହିଁ ଆମକୁ ଆତ୍ମ-ଜ୍ଞାନ, ଏକତା, ଶାନ୍ତି ତଥା ସମନ୍ୱୟ ପ୍ରାପ୍ତି କରିବାରେ ସାହାଯ୍ୟ କରିଥାଏ । ଆମ ବୁଦ୍ଧିକୁ ସକ୍ରିୟ କରିପାରୁଥିବା ସେହି ଶକ୍ତିର ଉତ୍ସକୁ ଆମେ ଖୋଜିବା ଦରକାର । ସେହି ଶକ୍ତି ଆମ ଭିତରେ ହିଁ ଲୁଚି ରହିଛି । ଯାହା ଆମ ଅସ୍ତିତ୍ୱର ଗହନ ତତ୍ତ୍ୱ । ଆମେ ନିଜ ଅସ୍ତିତ୍ୱକୁ ଅସ୍ୱୀକାର କରିପାରିବା ନାହିଁ । ବିଶ୍ୱର ଅସ୍ତିତ୍ୱ, ପ୍ରକୃତିର ପ୍ରତ୍ୟେକ ବସ୍ତୁର ଅସ୍ତିତ୍ୱକୁ ଅସ୍ୱୀକାର କରାଯାଇ ନ ପାରେ । ମୁଁ ଅଛି ଏହା ଏକ ସ୍ୱୟଂ ପ୍ରକାଶ୍ୟମାନ ସତ୍ୟ । ଈଶ୍ୱରଙ୍କୁ ଆସ୍ଥା ରୂପେ ଆମେ ହୁଏତ ଅସ୍ୱୀକାର କରିପାରୁ; କିନ୍ତୁ ଅସ୍ତିତ୍ୱକୁ କେବେ ଅସ୍ୱୀକାର କରାଯାଇ ନ ପାରେ । ଏହି ଅସ୍ତିତ୍ୱ, ଏହି ଶକ୍ତି ହିଁ ଈଶ୍ୱର । ସେ ଆମ ସମସ୍ତଙ୍କ ହୃଦୟ ଭିତର ଦେଇ ସ୍ପନ୍ଦିତ ହୁଅନ୍ତି ।

ଗୋଟିଏ ଗାଆଁରେ ଜଣେ ମହାତ୍ମାଙ୍କ ସୁନ୍ଦର ମୂର୍ତ୍ତିଟିଏ ଥିଲା । ମୂର୍ତ୍ତିଟିର ହାତ ଦୁଇଟି ତା' ଆଗରେ ମେଲିହୋଇ ରହିଥାଏ ଏବଂ ତଳେ ଲେଖାଥାଏ ମୋ' ବାହୁଛାୟା ତଳକୁ ଆସ । ଦିନେ ଗାଆଁରେ ଭୀଷଣ ଦଙ୍ଗା ହେଲା । ଲୋକେ ମୂର୍ତ୍ତି ଉପରେ ବି ଆକ୍ରମଣ କରିବା ଫଳରେ ମୂର୍ତ୍ତିର ହାତ ଦୁଇଟି ଭାଙ୍ଗି ଯାଇଥିଲା । ଗାଁର ଲୋକମାନେ ମୂର୍ତ୍ତିଟିକୁ ଭାରି ଭଲ ପାଉଥିଲେ ଓ ତାହା ଖଣ୍ଡିଆ ହୋଇଯିବାରୁ ଭାରି ମନଦୁଃଖ କଲେ । ସେମାନେ ଏକାଠି ମିଶି ନିଶ୍ଚୟ କଲେ ଯେ ମୂର୍ତ୍ତିର ନୂଆ ହାତ ତିଆରି କରାଯିବ । କିନ୍ତୁ ସେତେବେଳେ ଜଣେ ବୃଦ୍ଧ ବ୍ୟକ୍ତି ଠିଆହୋଇ କହିଲେ ନା, ମୂର୍ତ୍ତିର ନୂଆ ହାତ ତିଆରି କରିବା କଥା ଆଦୌ ଚିନ୍ତା କରିବା ଦରକାର ନାହିଁ । ମାତ୍ର ଗାଁ ଲୋକ କହିଲେ ଯା' ତଳେ ତ' ଲେଖାହୋଇଛି ମୋ' ବାହୁଛାୟା ତଳକୁ ଆସ । ମାତ୍ର ବୃଦ୍ଧ ଜଣକ କହିଲେ ବାହୁଛାୟା ତଳକୁ ଲେଖା ତଳକୁ ପୁଣି ଲେଖିଦିଅ, ''କିନ୍ତୁ ମୋ' ପାଖେ ତୁମ ସମସ୍ତଙ୍କ ହାତ ଛଡା ଅଲଗା ନିଜ ହାତ ନାହିଁ । ଈଶ୍ୱର ସଦାସର୍ବଦା ଆମକୁ ଏୟାହିଁ ଶିଖାଇଥା'ନ୍ତି ।'' ଏକ ଜନ୍ମିତ ପିଲାକୁ ତା'ର ବାପା, ମା', ଭାଇ, ବନ୍ଧୁ, ସମାଜ ଯେଉଁ ରୀତିନୀତି ଚାଲିଚଳନ ଶିକ୍ଷା ଦେଇଥା'ନ୍ତି, ସରଳ ଶିଶୁଟି ତାହାହିଁ ନିଜ ଜୀବନରେ ଶିକ୍ଷା କରିଥାଏ । ମାତ୍ର ଆମେ ପିଲାଟିକୁ ସମସ୍ତ ଶିକ୍ଷା ଦେଉଥିଲା ବେଳେ ଆତ୍ମାର ଅନନ୍ତ ଶକ୍ତି ବିଷୟରେ ଶିକ୍ଷା ଦେଇ ନ ଥାଉ । କେବଳ ମଣିଷ ହିଁ ନିଜ ବ୍ୟକ୍ତିତ୍ୱ ବିଷୟରେ ସଚେତନ ଥାଏ । ଗାଈଟିଏ କେବେ ଭାବେନାହିଁ ଯେ ସେ ଗୋଟିଏ ଭାରତୀୟ ଗାଈ ବା ଆମେରିକାର ଗାଈ, ଗୋରୀ ବା କାଳୀ ଗାଈ, ଦେଶୀ ବା ଜର୍ସି ଇତ୍ୟାଦି । କେବଳ ମଣିଷ ହିଁ ଏପରି ଭାବିଥାଏ । ଏ ବିଶ୍ୱ ଏକ, ଅନେକ ନୁହେଁ, ମନୁଷ୍ୟ ତଥା ତା'ର କ୍ରିୟାକଳାପ ହିଁ ବିଶ୍ୱର ସମନ୍ୱୟତାରେ ଲୟଭଙ୍ଗ କରିବାର ପ୍ରୟାସ କରିଛି । ଏ ସୃଷ୍ଟିର ମୂଳ ଶକ୍ତି ନିଜେ ଏହାର ସ୍ଥିତି ଓ ଲୟ କାରକ । କୌଣସି ଗୋଟିଏ ଜାଗାରେ ଭଲ କଥାଟିଏ ଘଟିଲେ ତା'ର ତରଙ୍ଗ ସାରା ବିଶ୍ୱରେ ଖେଳିଯାଇଥାଏ । ମନ୍ଦ କାମଟିଏ ଘଟିଲେ ତା'ର ପ୍ରତିଫଳନ ମଧ୍ୟ ଠିକ୍ ସେହିପରି ବିଶ୍ୱବ୍ୟାପୀ ଖେଳିଯାଇଥାଏ ।

ଆମ ଶରୀରରେ ଯେଉଁ ଚେତନାର ହୃତ୍‌ସ୍ପନ୍ଦନ ଥାଏ, ତାହାହିଁ ବୃକ୍ଷ, ଲତାରେ ମଧ୍ୟ ଥାଏ । ଯେଉଁ ଶକ୍ତି ଆମକୁ କଥାବାର୍ତ୍ତା କରିବାକୁ ଓ ଗୀତ ଗାଇବାକୁ ଶକ୍ତି ଦେଇଥାଏ, ସେଇ ଶକ୍ତି ଗାଈ, ଚଢେଇ ଓ ପଶୁକୁ ଗର୍ଜିବା ଲାଗି ମଧ ଶକ୍ତି ଦେଇଥାଏ । ପବନ ବହିବା ଲାଗି, ନଦୀର ପ୍ରବାହ ଲାଗି, ସୂର୍ଯ୍ୟ ଓ ଚନ୍ଦ୍ରକୁ କିରଣ ଦେବାଲାଗି ମଧ୍ୟ ଶକ୍ତି ଦେଇଥାଏ । ଏହି ଶକ୍ତି ମଣିଷର ପ୍ରତି ଶିରାପ୍ରଶିରାରେ ମଧ୍ୟ ସ୍ପନ୍ଦିତ ହୋଇଥାଏ । ଏହି ବିଚାର ରଖି ମଣିଷ ଯଦି ପ୍ରଗତି କଥା ବିଚାର କରେ, ତେବେ ସଂଦେହ ହେବ ଯେ ସତରେ କ'ଣ ମଣିଷ ପ୍ରଗତି କରୁଛି ? ଆଜି ଆମେ ଯେଉଁ ବିକାଶ ଦେଖୁଛୁ, ତାହା ସାମଗ୍ରିକ ନୁହେଁ, କେବଳ କେତୋଟି ଅଙ୍ଗର ହିଁ ବିକାଶ । ଆମ ଶରୀର ଏକ ପୂର୍ଣ୍ଣ ଏକକ । ତା'ର ବିକାଶରେ ପୂରା ଶରୀରର ବିକାଶ ହୋଇଥାଏ । ଯଦି କେବଳ ମୁଣ୍ଡଟି ବଡ ହୋଇଚାଲେ ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଆଦୌ ନ ବଢେ, ତେବେ ଆମେ ତାକୁ ଏକ ବିକଳାଙ୍ଗ ବା କୁରୂପ ବୋଲି କହିଥାଉ । ଏହି କଥାଟି ମଣିଷର ଶରୀର ପାଇଁ ମଧ୍ୟ ଲାଗୁ ହୋଇଥାଏ । ଆମ ଶରୀର ପରି ପୃଥିବୀ ମଧ୍ୟ ଏକ ଏକକ । ବିଭିନ୍ନ ରାଷ୍ଟ୍ର ତା'ର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ । କିନ୍ତୁ ଆଜି ସବୁ ଦେଶ କେବଳ ନିଜ ନିଜ ଉନ୍ନତିରେ ଲାଗିଛନ୍ତି । ଯଦି ପ୍ରତି ଦେଶ ଏକ ଅଙ୍ଗ ହୁଏ ଓ ତାହା ସମଗ୍ର ବସୁଧାର ଅଙ୍ଗବିଶେଷ ଭାବେ ପରିଗଣିତ ହୁଏ, ତେବେ କେବଳ ଗୋଟିଏ ଦେଶର ପ୍ରଗତିକୁ ଆମେ ସମ୍ପୂର୍ଣ୍ଣ ବିକାଶ ବୋଲି କିପରି କହିପାରିବା ! ଗପଟିଏ ମନେପଡେ । ଗୋଟିଏ ଲୋକକୁ ଏକାସଙ୍ଗରେ ଦୁଇଟି ରୋଗ ହୋଇଥିଲା । ଡାକ୍ତର ତାକୁ ତା'ର ଆଖିରୋଗ ପାଇଁ ଗୋଟିଏ ଔଷଧ ଓ ପେଟରୋଗ ପାଇଁ ଅନ୍ୟ ଔଷଧ ଦେଇଥିଲେ । ଘରକୁ ଆସି ରୋଗୀଟି ଆଖି ଔଷଧରୁ ଦୁଇପାନେ ଖାଇଥିଲା ଓ ପେଟ ଔଷଧକୁ ଆଖିରେ ପକାଇଥିଲା । ଫଳରେ ଦୁଇଟିଯାକ ରୋଗ ବଢି ଯାଇଥିଲା । ଆଜିର ସମାଜରେ ଆମେ ମଧ୍ୟ କଥାକୁ ସଠିକ୍ ଭାବେ ନବୁଝି ନିଜର ବିବେକକୁ ବିଚାର ନକରି ଭୁଲ କରିଚାଲିଛୁ । ତେଣୁ ଆମର ଜୀବନଯାପନ ଓ ଚିନ୍ତାଧାରା ସବୁକିଛି ଆଜି ଗୋଳମାଳିଆ ଅବସ୍ଥାରେ ପହଞ୍ଚିଛି । ଅସଲରେ ଆମ ଭିତରେ ଥିବା ଚେତନା ଶକ୍ତିର ବିକାଶକୁ ହିଁ ମହତ୍ତ୍ୱ ଦେବା ଉଚିତ୍ । ଗୋଟିଏ ମଣିଷର ମନର ଖଣ୍ଡିତ ଅବସ୍ଥା ପୂରା ପରିବାରର ବିଭାଜିତ ପାଇଁ ଦାୟୀ ହୋଇଥାଏ । ଆଜି ତା'ର ପ୍ରତିଫଳନ ସମାଜ, ରାଷ୍ଟ୍ର ଏବଂ ସମଗ୍ର ପୃଥିବୀ ଉପରେ ପଡିଛି । ସମଗ୍ର ମାନବଜାତି ଆଜି ବିଭାଜିତ ଓ ବିଖଣ୍ଡିତ । ଆଜି ମଣିଷ ମନର ସ୍ୱାର୍ଥପରତା ଓ ବିବେକଶୂନ୍ୟତା ଯୋଗୁ ପ୍ରକୃତିର ସମନ୍ୱୟ ନଷ୍ଟ ହୋଇଯାଉଛି । ସମସ୍ତ ଜୀବଙ୍କ ଭିତରେ ସ୍ଫୁରିତ ହେଉଥିବା ଚେତନାର ଏକହିଁ ତାଳ ଏକହିଁ ଶ୍ରୁତି । ମଣିଷର ହୃଦୟ ଭିତରେ ଏହି ଚେତନା ଶକ୍ତି ଜାଗ୍ରତ କରିବାରେ ମନ ହିଁ ଶ୍ରେଷ୍ଠ ମାର୍ଗ ।

**ଉମାଶଙ୍କର ପ୍ରସାଦ**, ସ୍ତମ୍ଭକାର, ଖୋର୍ଦ୍ଧା,
ମୋ: ୬୩୭୦୬ ୭୫୫୬୨

## ଆଜିର ଅନୁଚିନ୍ତା

ଶରୀର ନଶ୍ୱର ହେଲେ ମଧ ଦିବ୍ୟଜ୍ଞାନର ସାଧନ ହେତୁ ସମ୍ପୂର୍ଣ୍ଣ ତ୍ୟଜ୍ୟ ନୁହେଁ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସାକ୍ଷରତା ଓ ମାନବ ସମ୍ବଳ ବିକାଶ

**ହିମାଂଶୁଶେଖର ଆଚାର୍ଯ୍ୟ**



ପେଟକୁ ଦାନା, ପିଠିକି କନା, ମୁଣ୍ଡ ଗୁଞ୍ଜିବାକୁ ବାସ, ରୋଗକୁ ଔଷଧ ଓ ପଢିବାକୁ ଦି' ଅକ୍ଷର ପାଠ ଜଣେ ନାଗରିକ ପାଇଁ ଏତିକି ସର୍ବନିମ୍ନ ଆବଶ୍ୟକତା ଅପରିହାର୍ଯ୍ୟ । ଏଥିମଧ୍ୟରୁ ପାଠର ଗୁରୁତ୍ୱ ଯଥେଷ୍ଟ ରହିଛି । କାରଣ ଏହାଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ । ଅନ୍ୟ ଅର୍ଥରେ କହିଲେ, ସାକ୍ଷରତା ହିଁ ଗୋଟିଏ ଦେଶର ପ୍ରଗତିର ଚାବିକାଠି । ତେଣୁ ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ । ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବ ନାହିଁ । ଏକ ଲୋକପ୍ରିୟ କାହାଣୀ କୁହେ- "ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା' ଠାରୁ ଊର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତାହାହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତା'ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ ।" ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ସବୁ ପିଲାଙ୍କ ପାଇଁ ଦି ଅକ୍ଷର ପାଠ ପଢିବା ସ୍ୱପ୍ନ । ଏହାହିଁ ବିଡମ୍ବନା ।

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବ ସମ୍ବଳ ବିକାଶର ଆଧାର ଅଟେ । ତେଣୁ କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ-ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ବିଶେଷକରି କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତା ସହ ବହୁଭାଷୀ ଦକ୍ଷତାର ଗୁରୁତ୍ୱ ଆହୁରି ବଢିଯାଇଅଛି । କାରଣ ଏହା କାର୍ଯ୍ୟକୁଶଳତା ବୃଦ୍ଧି କରିବା ସହ ଜୀବନଧାରଣର ମାନକୁ ଉନ୍ନତ କରିଥାଏ । ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୂନ ସାତକୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହାପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ । ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି । ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଊର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି ।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ମଧ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶ କଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ ଥିଲା । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ, ଯାହାକି ଜାତୀୟ ହାରଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା । ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି । ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି । ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୁପ । ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ କରାଇଛନ୍ତି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି । ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି ।

ଶିକ୍ଷାଦାନ କେବଳ ଜୀବିକା ନୁହେଁ । ଅନେକ ଶିକ୍ଷକ-ଶିକ୍ଷୟିତ୍ରୀ ଏହାକୁ ନିଜ ଧର୍ମ ମନେକରନ୍ତି । ହେଲେ ଏମାନଙ୍କ ସଂଖ୍ୟା ହାତଗଣତି । ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍କୁଲରେ ପାଠ ପଢାଇବା ଭିନ୍ନ ସରକାର ଅନ୍ୟକାର୍ଯ୍ୟରେ ନିୟୋଜିତ କରୁଛନ୍ତି । ନିର୍ବାଚନ ସର୍ଭେ ଏବଂ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା ତଥା ଆଇରନ୍ ବଟିକା ବଣ୍ଟନ ଏହି କାର୍ଯ୍ୟତାଲିକା ଅନ୍ତର୍ଭୁକ୍ତ । ଅନ୍ୟପକ୍ଷରେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାରେ ସରକାରୀ କଳର ଉଦାସୀନତାକୁ ମଧ ଅଣଦେଖା କରାଯାଇ ନ ପାରେ । ସେହିପରି ବିଦ୍ୟାଳୟ-ମାନଙ୍କରେ ରାଜନୀତିକ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପଟେ ଛତୁ ଫୁଟିବା ପରି ଖୋଲୁଥିବା ଘରୋଇ ବିଦ୍ୟାଳୟଗୁଡିକ ସରକାରୀ ବିଦ୍ୟାଳୟର ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେଉଛି । ଭାରତ ସରକାର ଶିକ୍ଷା ଅଧିକାର ଆଇନ ପ୍ରଣୟନ କରିଛନ୍ତି । ସର୍ବଶିକ୍ଷା ଅଭିଯାନ ମଧ୍ୟ ଜାରି ରହିଛି । ଯୋଜନା ପରେ ଯୋଜନା ଚାଲିଛି । ଅପରପକ୍ଷରେ ବନ୍ଦ ହେଉଛି ଗୋଟିଏ ପରେ ଗୋଟିଏ ଶିକ୍ଷାନୁଷ୍ଠାନ । ବଢିଚାଲିଛି ସ୍କୁଲ ଛାଡନ୍ତା ଡ୍ରପ୍ଆଉଟଙ୍କ ସଂଖ୍ୟା । ଶିକ୍ଷକ, ଅଭିଭାବକ, ସମାଜ ଓ ସରକାରଙ୍କ ସହଯୋଗ, ସମନ୍ୱୟ ଓ ସହଭାଗିତା ଅଭାବରୁ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ । ତେଣୁ ସଭିଙ୍କୁ ଶିକ୍ଷିତ କରିବାର ଲକ୍ଷ୍ୟ ପଥଭ୍ରଷ୍ଟ ହେଉଛି । ତେଣୁ ସବୁ ଶିଶୁଙ୍କୁ ଦି' ଅକ୍ଷର ପାଠ ଯୋଗାଇ ଦେବାପାଇଁ ସବୁ ସ୍ତରରେ ନିରନ୍ତର ଓ ବ୍ୟାପକ ଉଦ୍ୟମ ଲୋଡା ।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୩୩୭୨୨୧୯୨୪*

# ଘରୋଇ ହିଂସା

**ରଘୁନାଥ ମହାପାତ୍ର**



ଶୃଙ୍ଖଳା ଓ ସଦାଚାରର ଶିକ୍ଷା ଘରୁ ହିଁ ଆରମ୍ଭ ହୋଇଥାଏ । ଯେଉଁ ଘର ଯେତେ ଶୃଙ୍ଖଳିତ, ସେହି ପରିବାରର ପିଲାମାନେ ସେତେ ସୁସଜ୍ଜିତ । ଏପରିକି ଏହାର ପ୍ରଭାବ ମଧ ପାଖ ପଡ଼ୋଶୀଙ୍କ ଉପରେ ପଡ଼ିଥାଏ । ସୁତରାଂ ପାରିବାରିକ ଶୃଙ୍ଖଳା ସାମାଜିକ ବାତାବରଣରେ ମଧ ପରିବର୍ତ୍ତନ ଆଣିପାରେ । କିନ୍ତୁ ଆଜି ସମାଜକୁ ନିରୀକ୍ଷଣ କଲେ ସ୍ପଷ୍ଟ ବୁଝାପଡୁଛି ଯେ, ଅଧିକାଂଶ ପରିବାର ବିଶୃଙ୍ଖଳିତ । ଏହି ବିଶୃଙ୍ଖଳା ହିଁ ପାରିବାରିକ କଳହକୁ ସ୍ନେହ, ଭଲ ପାଇବା ରହୁ ନ ଥିବା କାରଣରୁ ଘର ବୈକୁଣ୍ଠ ସମାନ କରିବାର ପରିକଳ୍ପନା ଧୂଳିସାତ ହୋଇଯାଉଛି । ଯୌଥ ପରିବାର ଭାଙ୍ଗି ଯାଉଛି ।

ଆଜିର ସମାଜରେ ଘରୋଇ ହିଂସା କେବଳ ବଧୂ ନିର୍ଯାତନା, ଯୌତୁକଜନିତ ହତ୍ୟାରେ ସୀମିତ ହୋଇ ରହିନାହିଁ । ଏହା ଭିନ୍ନ ଭିନ୍ନ ରୂପ ଗ୍ରହଣ କରିସାରିଲାଣି । ପ୍ରତିଦିନ ଖବରକାଗଜ ଓଲଟାଇଲେ ଏସବୁର ଉଦାହରଣ ଦେଖିବାକୁ ମିଳୁଛି । କୌଣସି କାରଣରୁ କେଉଁଠି ବାପ ପୁଅକୁ ହତ୍ୟା କରୁଛି ତ' କେତେବେଳେ ଭାଇ-ଭାଇ ମଧ୍ୟରେ ସଂଘର୍ଷ ଘଟି କାହାର ପ୍ରାଣ ଯାଉଛି । ପୁଅ ମା' ଓ ବାପାଙ୍କୁ ମଧ ହତ୍ୟା କରିବାକୁ ପଛାଉନାହିଁ । ଭାଇ-ଭଉଣୀ ସମ୍ପର୍କରେ ତିକ୍ତତା ରକ୍ତପାତର କାରଣ ହେଉଛି । ଜେଜେ-ନାତି ସମ୍ପର୍କରେ ମଧ ଫାଟ ସୃଷ୍ଟି ହେଲାଣି । ଘରୋଇ ହିଂସା ଏବେ ସାମାଜିକ ଅବକ୍ଷୟର ଅନ୍ୟତମ ପ୍ରମୁଖ କାରଣ ହୋଇଗଲାଣି । ପ୍ରେମ, ଅର୍ଥ, ଜମିଜମା ଏବଂ ନିଶାସେବନ ହିଁ ଘରୋଇ ହିଂସାର କାରଣ । ସ୍ୱଚ୍ଛଳ ବର୍ଗରେ ଅର୍ଥ ହିଁ ଅନର୍ଥ କରୁଥିବାବେଳେ ଗରିବ ପରିବାରରେ ଅର୍ଥାଭାବ କଳହ ସୃଷ୍ଟି କରୁଛି, ଯାହାକି ହିଂସାର ରୂପ ନେଉଛି । ନିଶା ସେବନ କରୁଥିବା ବ୍ୟକ୍ତିମାନେ ଘରେ ଅଶାନ୍ତି ସୃଷ୍ଟି କରୁଛନ୍ତି । ପରକୀୟା ପ୍ରେମକୁ ନେଇ ସ୍ତ୍ରୀ ଓ ସ୍ୱାମୀ ମଧ୍ୟରେ ସୃଷ୍ଟି ହେଉଥିବା ସନ୍ଦେହ ସେମାନଙ୍କ ମଧ୍ୟରୁ କାହାର ଜୀବନ ନେଉଛି । ଝିଅ ଓ ପୁଅଙ୍କ ପ୍ରେମ ବ୍ୟାପାରକୁ ନେଇ ମଧ ଅଧିକାଂଶ ମାତାପିତା କ୍ଷୁବ୍ଧ । ଏଥିପାଇଁ ସେମାନେ କେଉଁ ସ୍ତରକୁ ଯାଇପାରନ୍ତି ତାହା ଦିଲ୍ଲୀ ନିକଟବର୍ତ୍ତୀ ନୋଏଡ଼ାରେ ଘଟିଥିବା ଆରୁଷୀ ତଲୱାର ହତ୍ୟା ଘଟଣାରୁ ସ୍ପଷ୍ଟ ।

ଏପରିସ୍ଥଳେ ଘରୋଇ ହିଂସା ଆଇନ ଏହାକୁ ରୋକିବାରେ ବିଫଳ ହେଉଛି । ଏହି ଆଇନ ମହିଳାଙ୍କ ବିରୋଧରେ ହେଉଥିବା ଘରୋଇ ହିଂସାକୁ ରୋକିବା ପାଇଁ ୨୦୦୫ରେ ପ୍ରଣୟନ କରାଯାଇଥିଲା । ଏହା ବଳରେ ମୁଖ୍ୟତଃ ପୁରୁଷମାନେ ହିଁ ଦଣ୍ଡିତ ହୋଇ ଆସୁଛନ୍ତି । ନ୍ୟାସନାଲ କ୍ରାଇମ୍ ରେକର୍ଡ଼ସ ବ୍ୟୁରୋ ଅନୁଯାୟୀ ଏବେ ବି ଭାରତରେ ପ୍ରତି ତିନି ମିନିଟ୍‌ରେ ଜଣେ ମହିଳା ନିର୍ଯାତନାର ଶିକାର ହେଉଛନ୍ତି । ତାହା ହୋଇପାରେ ବଳାତ୍କାର ବା ଯୌତୁକଜନିତ ମୃତ୍ୟୁ କିମ୍ବା ପରିବାର ଲୋକଙ୍କ ଦ୍ୱାରା ଅନ୍ୟ କାରଣରୁ ନିର୍ଯାତନା । ଦୀର୍ଘ ୭ ବର୍ଷ ଧରି ଆଇନ କାର୍ଯ୍ୟକାରୀ ହେଉଥିଲେ ମଧ ଏହି ଅପରାଧର ସଂଖ୍ୟା ହ୍ରାସ ପାଉନାହିଁ । ବରଂ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି । କେବଳ ଓଡ଼ିଶାରେ ଏହା ୧୭ ପ୍ରତିଶତ ବୃଦ୍ଧି ପାଇଲାଣି ବୋଲି ବିଧାନସଭା ତଥ୍ୟରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ଆଜିର ସମାଜରେ ଘରୋଇ ହିଂସାର ପରିସର ପ୍ରସାରିତ ହେବାରେ ଲାଗିଛି । ଫଳରେ ଉପରୋକ୍ତ ଆଇନ ତା'ର ପ୍ରାସଙ୍ଗିକତା ହରାଇବାକୁ ବସିଛି । ଦେଶରେ ବିଭିନ୍ନ ପ୍ରାନ୍ତରୁ ସ୍ୱର ଉଠିଲାଣି ଯେ, ମହିଳାମାନେ ଏହି ଆଇନର ଅପବ୍ୟବହାର କରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି । ଘରୋଇ ହିଂସାର ଏକ ଭିନ୍ନ ରୂପ ନିକଟଅତୀତରେ ଭୁବନେଶ୍ୱର ଶହୀଦନଗର ଥାନା ଅଧୀନ ପଥରବନ୍ଧ ବସ୍ତିରେ ଦେଖିବାକୁ ମିଳିଥିଲା । ଏହି ବସ୍ତିରେ ଜଣେ ମହିଳା ତାଙ୍କର ସାନଭଉଣୀଙ୍କୁ କଟୁରିରେ ହାଣି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଥିଲେ ।

ସାନଭଉଣୀର ଦୋଷ ହେଉଛି ଯେ, ସେ ତାଙ୍କର ସଉତୁଣୀ ହୋଇ ଘରେ ରହୁଥିଲେ । ଯେଉଁଥିପାଇଁ କି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା । ଭାତହାଣ୍ଡିରୁ ଗୋଟିଏ ଚିପିଲା ଭଳି ଏହା ଏକ ଉଦାହରଣ ମାତ୍ର । ୨୦୧୦ ମସିହା ଡିସେମ୍ବର ମାସରେ ରାଉରକେଲାରେ ଜଣେ ବୟସ୍କ ବ୍ୟକ୍ତି ତାଙ୍କ ନାତିର ଆଚରଣରେ ଅତିଷ୍ଠ ହୋଇ ତାକୁ ହତ୍ୟା କରିବା ପାଇଁ ଘରେ ନିଆଁ ଲଗାଇ ଦେଇଥିଲେ । ଫଳରେ ନାତି ଓ ତାର ଚାରିଜଣ ସାଙ୍ଗ ଜୀବନ୍ତ ଦଗ୍ଧ ହୋଇଥିଲେ । ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡାହାଣୀ ସନ୍ଦେହରେ ପତ୍ନୀ, ମାଆ, ଖୁଡ଼ୀ ଆଦିଙ୍କୁ ହତ୍ୟା ଘଟଣା ନୂଆ ହୋଇ ରହିନାହିଁ । ନିଶାସକ୍ତ ପୁଅ କୌଣସି କାରଣରୁ ମାଆ, ବାପାଙ୍କୁ ପିଟି ହତ୍ୟା କରିବା ଘଟଣା ପାରିବାରିକ ହିଂସାର ଭିନ୍ନ ରୂପକୁ ସାମ୍ନାକୁ ଆଣୁଛି । ଏହାସତ୍ତ୍ୱେ ଘରେ ଅଧିକ ନିର୍ଯାତନା ଭୋଗୁଛନ୍ତି ମହିଳା । ଏଭଳି ଘଟଣା କେବଳ ଆମ ରାଜ୍ୟରେ ନୁହେଁ, ଦେଶର ଅନେକ ସ୍ଥାନରେ ଘଟୁଛି । ନିକଟ-ଅତୀତରେ କେରଳର କୋଚିଠାରେ ସଦର୍ଣ୍ଣ ନାଭାଲ କମାଣ୍ଡରରେ କାର୍ଯ୍ୟରତ ଜଣେ ନୌସେନା ଅଧିକାରୀଙ୍କ ବିରୋଧରେ ତାଙ୍କର ଓଡ଼ିଆ ପତ୍ନୀ ଯୌନ ନିର୍ଯାତନା ଅଭିଯୋଗ ଉଠାଇଥିଲେ । ଏଥିରୁ ସ୍ପଷ୍ଟ ଯେ, ଉଚ୍ଚବର୍ଗରେ କେଉଁ ଧରଣର ପାରିବାରିକ ହିଂସା ଘଟୁଛି ।

ୟୁନିସେଫ୍‌ର ଗ୍ଲୋବାଲ ରିପୋର୍ଟ ୨୦୧୨ ଅନୁସାରେ ଭାରତରେ ୫୭ ପ୍ରତିଶତ ଅବିବାହିତ ଯୁବକ ଭାବନ୍ତି ପତ୍ନୀଙ୍କୁ ଶାରୀରିକ ଶାସ୍ତି ଦେବା ଯୁକ୍ତିଯୁକ୍ତ । ଆଶ୍ଚର୍ଯ୍ୟର କଥା ହେଉଛି, ୫୩ ପ୍ରତିଶତ ଅବିବାହିତ ଯୁବତୀ ମଧ ଅନୁରୂପ ଚିନ୍ତାଧାରା ପୋଷଣ କରନ୍ତି । ଏଭଳି ମନୋବୃତ୍ତିର ଝିଅ ଓ ପୁଅମାନେ ବିବାହ ପରେ ସେମାନଙ୍କ ପରିବାରକୁ କେତେ ଶୃଙ୍ଖଳିତ ଓ ଶାନ୍ତ ରଖିବେ, ତାହା ଜଳଜଳ ଦିଶୁଛି । ପୁରୁଷମାନେ ମହିଳାମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବିବେଚନା କରିବା ମାନସିକତାରୁ ମୁକୁଳି ପାରୁନାହାନ୍ତି । ଫଳରେ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ଅନ୍ତ ଘଟୁନାହିଁ । କେବଳ ସ୍ୱାମୀଙ୍କ ରୋଜଗାର ଉପରେ ନିର୍ଭରଶୀଳ ମହିଳାମାନେ ନୁହନ୍ତି, ଘରକାମ ତୁଟାଇ ପରିବାରର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉଥିବା କର୍ମଜୀବୀ ମହିଳାମାନେ ମଧ ନିର୍ଯାତନାର ଶିକାର ହେଉଛନ୍ତି । ଏକଥା ଲେଖିବା ବେଳେ ଆମେ ସଚେତନ ଯେ, ନିର୍ଯାତନାର ଶିକାର ହେଉଥିବା ମହିଳାମାନେ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଦୋଷ ନୁହନ୍ତି । ଅନେକ ମହିଳାଙ୍କ ଆଚରଣରେ ସ୍ୱାମୀ, ଶାଶୁ ଶ୍ୱଶୁର ମଧ ଅତିଷ୍ଠ । ଏପରିସ୍ଥଳେ 'ଜୋର ଯାର ମୂଲକ ତାର' ନ୍ୟାୟରେ ସେମାନେ ନିର୍ଯାତନାର ଶିକାର ହେଉଛନ୍ତି । ଘରେ ଶାନ୍ତି ମଧ ବିଘ୍ନିତ ହେଉଛି । ଘରୋଇ ହିଂସାକୁ ରୋକିବା ପାଇଁ କେବଳ ଆଇନ ପର୍ଯ୍ୟାପ୍ତ ନୁହେଁ । କାରଣ ଆଇନର ଆଶ୍ରୟ ନେଉଥିବା ବ୍ୟକ୍ତି କାହାକୁ ନ୍ୟାୟ ଦେଇପାରେ, ମାତ୍ର କଦାଚିତ୍ ପାରିବାରିକ ଶାନ୍ତି ଆଣିପାରିବ ନାହିଁ ।

ମଣିଷ ଯେପର୍ଯ୍ୟନ୍ତ ପାରିବାରିକ ମୂଲ୍ୟବୋଧକୁ ପ୍ରାଥମିକତା ନ ଦେଇଛି ସେପର୍ଯ୍ୟନ୍ତ ଘରୋଇ ହିଂସାର ଉପଶମ ସମ୍ଭବ ନୁହେଁ । ଏହାକୁ ରୋକିବା ପାଇଁ ମାନସିକତାରେ ପରିବର୍ତ୍ତନ ଲୋଡ଼ା । ପରସ୍ପର ସହ ବୁଝାମଣାର ଅଭାବ ଯେପର୍ଯ୍ୟନ୍ତ ଦୂର ହୋଇନାହିଁ ସେ ପର୍ଯ୍ୟନ୍ତ କଜିଆ ଅବ୍ୟାହତ ରହିଥିବ ।

*-ସତ୍ୟଶ୍ରୀ ନିବାସ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦*

# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବାପରେ ବି କାମରେ ଲାଗୁଛି



ରକ୍ତର ବିକଳ୍ପ ହିଁ ନାହିଁ । ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ । ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି । ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

କଥାରେ ଅଛି ରକ୍ତଦାନ ମହାପୂଣ୍ୟ । ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ । ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ ଲୋକଙ୍କୁ ଦୂରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି । ଏପରିକି ନଷ୍ଟ ହୋଇଯାଇଥିବା ରକ୍ତରୁ ମଧ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି । ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି । ତେବେ ବଳକା ର୍କତ, ପ୍ଲାଜମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି । ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ଼ ମହାମାରୀ ପରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀରୁ ଦିଆଯାଉଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି । ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି । ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ । ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ । ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ । ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ । ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ । ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ । ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ । ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୬୦୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୬୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ । ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ । ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଇଥାଏ । ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ । ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ । ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା । ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାୟ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି । ଅପରପକ୍ଷେ ପ୍ରତ୍ୟେକ ବ୍ଲଡ ବ୍ୟାଙ୍କରେ ରକ୍ତରୁ ପ୍ଲାଜମା ସଂଗ୍ରହ କରାଯାଇଥାଏ । ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ । ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ଼ ଆଦି ରୋଗୀଙ୍କୁ ଦିଆଯାଏ । ତେବେ ଅନେକ ସମୟରେ ଏହି ପ୍ଲାଜମା ରୋଗୀଙ୍କ କାମରେ ଆସିନଥାଏ । ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା । ତେବେ କେନ୍ଦ୍ର ସରକାର ନୂଆ ଗାଇଡ଼ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି । ଅବ୍ୟବହୃତ ପ୍ଲାଜମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀକୁ ଯୋଗାଇ ଦିଆଯାଉଛି । ପ୍ଲାଜମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି । ପ୍ଲାଜମା ପ୍ରତିବଦଳରେ ୟୁନିଟ ପିଛା ରକ୍ତଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି ।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ । ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ । ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ । କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ । ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ରୋକଠୋକ୍ ଶୁଣାଇଲେ ସରକାର: ବଢ଼ାଇ ହେବନି ଆୟୁଷ ଡାକ୍ତରଙ୍କ ଅବସର ବୟସସୀମା



ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ଆୟୁଷ ଓ ହୋମିଓପ୍ୟାଥି ଡାକ୍ତରଙ୍କ ଅବସର ବୟସ ୬୦ବର୍ଷ ରହିବ । ଏହାକୁ ବୃଦ୍ଧି କରାଯିବାକୁ ରାଜ୍ୟ ସରକାରଙ୍କ କୌଣସି ଯୋଜନା ନାହିଁ କିମ୍ବା ଏଥିପାଇଁ କର୍ମଚାରୀମାନେ ବାଧ କି ଦାବି କରିପାରିବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ରୋକଠୋକ୍ ଭାବେ ଶୁଣାଇ ଦେଇଛି ।ଆଲୋପ୍ୟାଥିକ ଡାକ୍ତରଙ୍କ ଅବସର ବୟସ ୬୫ବର୍ଷକୁ ବୃଦ୍ଧି ପାଇଥିବାବେଳେ ଅନୁରୂପ ଭାବେ ଅବସର ବୟସ ବ?ାଇବା ନିମନ୍ତେ ୬ଜଣ ହୋମିଓପ୍ୟାଥି ମେଡିକାଲ ଅଫିସରଙ୍କ ଦାବିପତ୍ର ଉପରେ ବିଚାର କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଗତକାଲି ଏହା କହିଛି । ହୋମିଓପ୍ୟାଥି ମେଡିକାଲ ଅଫିସର ଡାକ୍ତର ସନ୍ତୋଷ କୁମାର ମହାପାତ୍ର, ଡାକ୍ତର ପ୍ରଭାତ ରଥ, ଡାକ୍ତର ରଞ୍ଜନ ସାମନ୍ତ, ଡାକ୍ତର ନାରାୟଣ ପ୍ରଧାନ, ଡାକ୍ତର ଅନୁସୟା ରାଉତ ଓ ଡାକ୍ତର ରମେଶ ଚନ୍ଦ୍ର ପଟ୍ଟନାୟକ ମିଳିତ ଭାବେ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ଦେଇ ସେମାନଙ୍କର ଅବସର ବୟସ ୬୦ରୁ ୬୫ବର୍ଷକୁ ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ । ଉତ୍ତର ଦିଲ୍ଲୀ ମ୍ୟୁନିସପାଲ କର୍ପ?ରେସନ ଅଧୀନରେ ଥିବା ଆୟୁଷ ଓ ହୋମିଓପ୍ୟାଥି ଡାକ୍ତରଙ୍କ ଅବସର ବୟସ ବୃଦ୍ଧି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଆଧାର କରି ଏହି ଡାକ୍ତରମାନେ ସେମାନଙ୍କର ସରକାରୀ ଚାକିରିରୁ ଅବସର ବୟସସୀମାକୁ ୬୫ବର୍ଷକୁ ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ ।ମାତ୍ର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ଧଳ ଗତକାଲି ଏନେଇ ଏକ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ସରକାରୀ କର୍ମଚାରୀଙ୍କ ଅବସର ବୟସ ବୃଦ୍ଧି ପ୍ରସଙ୍ଗ ହେଉଛି ଏକ ନୀତିଗତ ନିଷ୍ପତ୍ତି । ନିଜର ଅବସର ବୟସ ବୃଦ୍ଧି ଦାବି କରିବା ଅଧିକାର କର୍ମଚାରୀମାନଙ୍କର ନାହିଁ । ସୁପ୍ରିମକୋର୍ଟ ମଧ୍ୟ ଏନେଇ ସ୍ପଷ୍ଟ ରାୟ ଦେଇଛନ୍ତି । ରାଜ୍ୟରେ ଆଲୋପ୍ୟାଥିକ ଡାକ୍ତରଙ୍କ ଭଳି ବୟସସୀମା ବୃଦ୍ଧି ଦାବି କରିବାର ଯଥାର୍ଥତା ନାହିଁ । କାରଣ ରାଜ୍ୟରେ ଅଭିଜ୍ଞ ଓ ବରିଷ୍ଠ ଏଲୋପ୍ୟାଥିକ ଡାକ୍ତରଙ୍କ ସଂଖ୍ୟା ଅଭାବ ଥିବା ତଥା ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ସରକାର ଏହାକୁ ଦୃଷ୍ଟିରେ ରଖି ଆଡଭୋକେଟ୍ ଜେନେରାଲଙ୍କ ମତାମତ ନେବା ପରେ ଅର୍ଥ ବିଭାଗ ଏହି ବୟସ ସୀମାକୁ ୬୨ରୁ ୬୫ବର୍ଷକୁ ବୃଦ୍ଧି କରିଛନ୍ତି ।ତା'ଛଡା ହୋମିଓପ୍ୟାଥି ଓ ଆୟୁଷ ଡାକ୍ତରଙ୍କ ଅବସର ବୟସସୀମା ବୃଦ୍ଧି ହେଲେ ତା'ର ପ୍ରତିକୂଳ ପ୍ରଭାବ ଚାକିରି ଆଶାୟୀ ଆୟୁଷ ଡାକ୍ତରଙ୍କ ଉପରେ ପଡିବ। କାରଣ ପ୍ରତିବର୍ଷ ରାଜ୍ୟରୁ ଉଭୟ ଆର ?ୁବେଦିକ ଓ ହୋମିଓପ୍ୟାଥିରେ ୫୬୦ଜଣ ଗ୍ରାଜୁଏଟ କୃତକାର୍ଯ୍ୟ ହେଉଛନ୍ତି । ଏବେ ରାଜ୍ୟରେ ୬୮୫୪ଜଣ ଯୋଗ୍ୟ ଆୟୁର୍ବ ?ଦିକ ଡାକ୍ତର ଓ ୪୮୦୦ ହୋମିଓପ୍ୟାଥି ଡାକ୍ତର ଚାକିରି ଅପେକ୍ଷାରେ ରହିଛନ୍ତି । ତେଣୁ ସୁପ୍ରିମକୋର୍ଟ ଏକ ନିର୍ଦ୍ଦିଷ୍ଟ ମାମଲାରେ ଦେଇଥିବା ରାୟକୁ ଆଧାର କରି ଅବସର ବୟସ ବୃଦ୍ଧି ଦାବି ଗ୍ରହଣୀୟ ନୁହେଁ କିମ୍ବା ସରକାର ଏବେ ଏହି ଅବସର ବୟସସୀମା ବୃଦ୍ଧି କରିବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ।ସୂଚନାଯୋଗ୍ୟ, ରାଜ୍ୟରେ ୩ଟି ଆୟୁର୍ବ ?ଦିକ କଲେଜ ଓ ହସ୍ପିଟାଲରେ ୨୫୦ଟି ବେଡ୍ ଓ ୨୫୪ଟି ସିଟ୍ ଥିବାବେଳେ ୪ଟି ହୋମଓପାଥି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୨୫ବେଡ୍ ଓ ୧୬୦ଟି ସିଟ୍ ରହିଛି । ତା'ଛଡା ୫ଟି ଆୟୁର୍ବ ?ଦିକ ହସ୍ପିଟାଲ, ୪ଟି ହୋମିପ୍ୟାଥି ହସ୍ପିଟାଲ, ୬୨୦ଟି ଆୟୁର୍ବ ?ଦିକ ଡିସପେନସାରୀ, ୫୬୨ଟି ମେଡିକାଲ ଅଫିସର, ୯ଜଣ ୟୁନାନି ମେଡିକାଲ ଅଫିସରଙ୍କୁ ମିଶାଇ ମୋଟ ୧୨୯୪ଜଣ କାର୍ଯ୍ୟରତ ଅଛନ୍ତି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଂଟି ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଙ୍କକ୍ଷଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଙ୍କକ୍ଷ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଙ୍କକ୍ଷ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଉଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ୱାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଙ୍କକ୍ଷ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଅହିଂସା ରଥକୁ ବିଦାୟକାଳିନ ସମ୍ବର୍ଦ୍ଧନା

ମାଲକାନଗିରି, (ପି.ଏନ): ସ୍ଥାନୀୟ ସଂସ୍କୃତି ଭବନ ଠାରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ସାରା ଓଡ଼ିଶାରେ ପରିକ୍ରମା କରୁଥିବା ଅହିଂସା ରଥକୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ରଥ ଦୁଇଟି ଗତ ଦୁଇ ଦିନ ଧରି ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକ, ତହସିଲ ତଥା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସବୁ ପରିକ୍ରମା କରି, ଶେଷରେ ଗତକାଲି ରାତି ୯ ଟାରେ ମାଲକାନଗିରି ପହଂଚିବା ପରେ, ଓଡ଼ିଶାର ଆରାଧ ଦେବତା ଶ୍ରୀ ଜଗନ୍ନାଥଙ୍କ ମୂର୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।




# ବାଘାଯତୀନ କ୍ଲବର ସ୍ୱାସ୍ଥ୍ୟସେବା ଶିବିର



ବାଲେଶ୍ୱର (ପିଏନ୍)-ସହୀଦ ବାଘାଯତୀନଙ୍କର ୧୦୭ ତମ ସ୍ମୃତି ଦିବସ ଉପଲକ୍ଷେ ବାଘାଯତୀନ କ୍ଲବ ବାରବାଟୀ ଏବଂ ରୋଟାରୀ କ୍ଲବ ବାଲେଶ୍ୱର ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ଏବଂ ଦାନ୍ତ ପରୀକ୍ଷା ଅଭିଜ୍ଞ ଡ଼ା. ଦେବେନ୍ଦ୍ର କୁମାର ରାଉତ, ଡା. ଅର୍ପିତା ବାକେଲ ପରମାଣିକ ଏବଂ କ୍ଲବର ସଭାପତି ବିକ୍ରମଜିତ୍ କରଙ୍କ ଦ୍ୱାରା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ୱାସ୍ଥ୍ୟକର୍ମୀ ଦିବ୍ୟରଞ୍ଜନ ସାହୁ, ଭାଗ୍ୟଲକ୍ଷ୍ମୀ ବାରିକ, ସୁଭଦ୍ରା ମାଝୀ ସହାୟତା କରିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କର ଚକ୍ଷୁ ଓ ଦାନ୍ତ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୦ ଜଣ ରୋଗୀଙ୍କର ଗୁରୁବାର ଦିନ ରୋଟାରୀ ଚକ୍ଷୁ ଡ଼ାକ୍ତରଖାନାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସକାଳ ୧୦ଟାରୁ ଉକ୍ତ ଶିବିରକୁ ରୋଟାରୀ କ୍ଲବ ସଭାପତି ସୌରଭ ବେହେରା ଏବଂ ଡାକ୍ତରମାନଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଥିବା ବେଳେ ରୋଟାରୀ କ୍ଲବର ସଦସ୍ୟ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସୁବ୍ରତ କର, ସୁଖମୟ ଦାସ, ବିଷ୍ଣୁ ଦାସ କୁଣ୍ଡୁ, ସନ୍ତୋଷ ନାୟକ, ଭୋଳାନାଥ ବେହେରା, ସୁବେନ୍ଦୁ ବେହେରା, ପଦାରବିନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିସରରେ ହିମାଳୟ ଡ୍ରଗ୍‌ସ କମ୍ପାନୀ ସହୟତାରେ ଏକ ଡାଇବେଟିସ୍ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ସୁବେନ୍ଦୁ କୁମାର ଜେନା ୧୫୦ରୁ ଉର୍ଦ୍ଧ୍ୱ ରକ୍ତଶର୍କରା ପରୀକ୍ଷା କରିଥିଲେ ଏବଂ ଡାକ୍ତର ପ୍ରମୋଦ ରାଉତଙ୍କ ସହାୟତାରେ ରୋଗୀମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯାଇଥିଲା। ଏହି ଶିବିରକୁ ବାଘାଯତୀନ କ୍ଲବର ସଭାପତି ବିକ୍ରମଜିତ୍ କର, ଅମ୍ରିତ କୁମାର କର, ସୁଦର୍ଶନ ନନ୍ଦୀ, ଅଶିଦ କର, ନିଲାଞ୍ଜନ କର, ସନ୍ତୋଷ ଦେ, ଗିରିଜା କର, ଅଭିଷେକ ପଣ୍ଡା, ରାଜକ୍ରିଷ୍ଣା କର, ରାଜେଶ କର, ଅତିନ୍ଦ୍ର କର, ଅନିମେଶ କର, ତାପସ ଦେ, ଚନ୍ଦ୍ରଶେଖର ଜେନା ଓ ଶମ୍ଭୁନାଥ କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବାଲେଶ୍ୱରରେ ଆମ୍ ଆଦମୀ ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ




ବାଲେଶ୍ୱର (ପିଏନ୍)-ବାଲେଶ୍ୱର ବ୍ରିଟ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ଆମ ଆଦମୀ ପାର୍ଟି ତରଫରୁ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ହୋଇଥିବା ବେଳେ ଏଥିରେ ଜିଲ୍ଲା ସଭାପତି କୁମାର ସ୍ୱର୍ଣ୍ଣ ଭାରତ ମଲ୍ଲିକ ଓ ଓଡ଼ିଶା ଆବାହକ ତଥା ରାଜ୍ୟ ଆମ ଆଦମୀ ପାର୍ଟି ସଭାପତି ଶ୍ରୀ ନିଶିକାନ୍ତ ମହାପାତ୍ରଙ୍କ କରକମଳରେ ଉଦ୍ଘାଟିତ ହୋଇଥିଲା। ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାର କଡ଼ା ସାଲୋଚନା କରିବା ସହିତ ଅରବିନ୍ଦ କେଜରିଓ୍ୱାଲଙ୍କ ଦିଲ୍ଲୀ ମଡେଲର ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ଦୁର୍ନୀତିମୁକ୍ତ ଶାସନ ପାଇଁ ଓଡ଼ିଶାରେ ପରିବର୍ତ୍ତନ ଦରକାର ବୋଲି ଆହ୍ୱାନ ଦେଇଥିଲେ। ଏଠାରେ ଉପସ୍ଥିତ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତର ସାଥୀମାନଙ୍କୁ ନେଇ କିପରି ସଂଗଠନ ସୁଦୃଢ଼ କରି ଲୋକଙ୍କ ସେବା କରିହେବ ତା' ଉପରେ ମଧ୍ୟ ମତ ରଖିଥିଲେ। ଜିଲ୍ଲାରେ କିପରି ସଂଗଠନ ମଜବୁତ୍ କରାଯିବ ଓ ପାର୍ଟିର ବିଚାରକୁ ଘରେ ଘରେ ପହଞ୍ଚାଯିବ ତା' ଉପରେ ଜିଲ୍ଲା ସଭାପତି ଆଲୋକପାତ କରିଥିଲେ। ବାଲେଶ୍ୱର ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ସୁନିଲ କୁମାର ଷଡ଼ଙ୍ଗୀ ସଂଗଠନର ପ୍ରସାରଣ ପାଇଁ ଆହ୍ୱାନ ଦେଇଥିବା ବେଳେ ଜିଲ୍ଲା ସଂପାଦକ ନିକୁଞ୍ଜ ମହାନ୍ତି ଏହି ସମ୍ମିଳନୀକୁ ପରିଚାଳନା କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାରୁ ୭୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଜନ୍ମଦିନ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣ ସ୍ୱେଚ୍ଛାସେବୀ ତଥା ସାଂସ୍କୃତିକ ସଂଗଠନ ଅନ୍ୱେଷଣ ଥିଏଟର ଗ୍ରୁପର ସପନପୁର ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ମାସିକିଆ ବୈଠକ ଅନୁଷ୍ଠିତ ହୋଇଅଛି। ଉକ୍ତ ବୈଠକରେ ଅନୁଷ୍ଠାନର ତିନିଜଣ ସଦସ୍ୟଙ୍କ ଜନ୍ମଦିନ ଉପଲକ୍ଷେ ଜନ୍ମଦିନ ପାଳନ କରାଯାଇଛି। ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ଯୁବ-ମହୋତ୍ସବରେ ଅଭିନୟ କରିବା ସମ୍ପର୍କରେ ଉପସଭାପତି ଉପେନ୍ଦ୍ର ଜେନା ଆଲୋଚନା କରିଥିଲେ। ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ଅନିଲ ଜେନା ସବିଶେଷ ଆଲୋଚନା କରିଥିଲେ। ଅନୁଷ୍ଠାନର ସଦସ୍ୟ ଶିକ୍ଷୟିତ୍ରୀ ତଥା ଗୀତିକାର ଲକ୍ଷ୍ମୀପ୍ରିୟା ରାଉତରାୟ, ମୋନାଲିସା ଓଝା, ଶିଶୁ କଳାକାର ଯଶୋଦା ପାତ୍ର (ରୀନା)ର ଜନ୍ମଦିନ ପଡୁଥିବାରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଏସ.କେ. ଚନ୍ଦ, ସୁରଜ କୁମାର ପଣ୍ଡା, ଧନଞ୍ଜୟ ପୃଷ୍ଟି, ସ୍ମରଜିତ ମହାନ୍ତି, ଧନଞ୍ଜୟ ନାୟକ, ସ୍ୱାତି ପଣ୍ଡା, ଅଚ୍ୟୁତାନନ୍ଦ ସ୍ୱାଇଁ, ମୋନାଲିସା ଓଝା, ତପସ୍ୱିନୀ ମଲ୍ଲିକ, ତାରାକାନ୍ତ ମଲ୍ଲିକ, ନିରଂଜନ ରାଉତ ପ୍ରମୁଖ ଯୋଗଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଅନୁଷ୍ଠାନର କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ପ୍ରିୟଙ୍କା ସାହୁ ସଂଗଠନରେ ଯୋଗଦେଇଛନ୍ତି। ତାଙ୍କୁ ଅନୁଷ୍ଠାନର ଉପଦେଷ୍ଟା ହରିହର ସ୍ୱାଇଁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଶିକ୍ଷିତ ବେକାର ସମସ୍ୟା ମୁଣ୍ଡବ୍ୟଥାର କାରଣ !



ବର୍ତ୍ତମାନ ରାଜ୍ୟ ର ଶିକ୍ଷିତ ବେକାରି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡିଶା ପରି ଏକ ଅଗ୍ରସର ରାଜ୍ୟର ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢିବଢି ବର୍ତ୍ତମାନ ୧୦ ଲକ୍ଷରେ ପହଞ୍ଚିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଏହି ସଂଖ୍ୟା ଦ୍ରୁତଗତିରେ ବଢିବାରେ ଲାଗିଛି। ପ୍ରତିବର୍ଷ ୧୫ ଲକ୍ଷରୁ ଉର୍ଦ୍ଧ ମାଟ୍ରିକ ଓ ୫ ଲକ୍ଷରୁ ଉର୍ଦ୍ଧ ଛାତ୍ର ଏବଂ ଛାତ୍ରୀ ମାଧ୍ୟମିକ ପରୀକ୍ଷା ଦେଇଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚଶିକ୍ଷା ଲାଭ କରିଥାନ୍ତି। କିନ୍ତୁ ଯୁକ୍ତତିନି ଓ ଏମ୍.ଏ., ଏମ୍.ଏସ.ସି ପାଶ କରୁଥିବା ହଜାର ହଜାର ଶିକ୍ଷିତଙ୍କ ପାଇଁ ସହର ବା ମଫସଲରେ କୌଣସି କାମ ନାହିଁ। ଯେଉଁମାନେ ବୈଷୟିକ ବିଦ୍ୟା ଅଧ୍ୟୟନ କରି ନିଜକୁ କୁଶଳ ଓ ସମର୍ଥ କରନ୍ତି ମାତ୍ର ବିଭିନ୍ନ ବୃତ୍ତି ପାଇଁ ସେମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବାପାଇଁ ଅକ୍ଷମତା ପ୍ରକାଶ କରୁଛନ୍ତି। ଫଳରେ ସେମାନେ ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ପେଟ ପୋଷିବା ପାଇଁ ଯିବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାରଙ୍କର ସଚ୍ଚିବାଳୟଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଭିନ୍ନ ଅଫିସରେ ହଜାର ହଜାର ପଦବୀ ଖାଲି ପଡିଥିବାବେଳେ ଏତେସଂଖ୍ୟାରେ ଶିକ୍ଷିତ ବେକାର ରାଜ୍ୟ ପକ୍ଷରେ ଏକ ବିଡମ୍ବନାର ବିଷୟ। ଓଡିଶାରେ ବିଗତ ପାଂଚ ସାତବର୍ଷ ମଧ୍ୟରେ ଅନେକ ଶିଳ୍ପ କାରଖାନା ଯଦିଓ ସ୍ଥାପନ କରାଯାଇଛି ମାତ୍ର ସେସବୁ ଶିଳ୍ପସଂସ୍ଥାରେ ଯେତେ ଶିକ୍ଷିତ ଲୋକ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଆମ ରାଜ୍ୟ ବାହାରର। ତେବେ ସରକାରଙ୍କର ଆମ ନିଜ ରାଜ୍ୟ ପ୍ରତି ଏପ୍ରକାର ହୀନଭାବନା କାହିଁକି ? ବାହାର ରାଜ୍ୟମାନଙ୍କରୁ ବୈଷୟିକ ବିଦ୍ୟାରେ ଉତ୍ତୀର୍ଣ୍ଣ ହୋଇ ଆମ ରାଜ୍ୟରେ ନିଯୁକ୍ତି ପାଉଛନ୍ତି। ଅନ୍ୟପକ୍ଷରେ ଆମ ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରୁ ହଜାର ହଜାର ପ୍ରଶିକ୍ଷଣପ୍ରାପ୍ତ ଯୁବକ ଯୁବତୀ ରାଜ୍ୟ ବାହାରେ ଓ ବିଦେଶରେ ନିଯୁକ୍ତି ପାଇଛନ୍ତି ଯାହା ରାଜ୍ୟପାଇଁ ଗୌରବର ବିଷୟ ସାଂଗକୁ ସରକାରଙ୍କର ଅକ୍ଷମତାର ଜ୍ୱଳନ୍ତ ନମୁନା। ଏହାସତ୍ତ୍ୱେ ରାଜ୍ୟରେ ୧୦ ଲକ୍ଷରୁ ଉର୍ଦ୍ଧ ଯୁବକଯୁବତୀ ଶିକ୍ଷିତ ହୋଇ ଘରେ ବସିରହିବା ଚିନ୍ତାର ବିଷୟ। ଯଦି ଅନ୍ୟ ରାଜ୍ୟ କଥା ବିଚାରକୁ ନିଆଯାଏ ତେବେ ଉତ୍ତରପୂର୍ବାଂଚଳରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ଏତେ ଅଧିକ ହୋଇଛି ଯେ ନିଜ ରାଜ୍ୟରେ ସେମାନଙ୍କ ପାଇଁ ନିଯୁକ୍ତି ନାହିଁ ମାତ୍ର ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କୁ ନିଯୁକ୍ତି ମିଳିଛି। ଅତିତରେ ଆସାମର ସାମ୍ପ୍ରଦାୟିକ ଦଙ୍ଗା ଯୋଗୁଁ ଦକ୍ଷିଣ ଭାରତରେ ଉତ୍ତର ପୂର୍ବାଞ୍ଚଳର ବୃତ୍ତିଧାରୀ, କର୍ଣ୍ଣାଟକ ଓ ତାମିଲନାଡୁରୁ ନିଜ ଭିଟାମାଟିକୁ ଫେରିଆସିଥିଲେ। ମାତ୍ର ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଢ ହସ୍ତକ୍ଷେପ ଯୋଗୁ ଅବସ୍ଥା ସ୍ୱାଭାବିକ ହେବାପରେ ପୁନଃ ସେମାନେ ନିଜର କର୍ମସ୍ଥାନକୁ ଫେରିଥିଲେ। ସେହିପରି ମହାରାଷ୍ଟ୍ର ଭଳି ଶିଳ୍ପୋନ୍ନତ ରାଜ୍ୟରେ ହଜାର ହଜାର ବିହାରୀ ଶ୍ରମିକ କାମ କରିବାର ସୁଯୋଗ ପାଇ ରହିଯାଇଛନ୍ତି। ଫଳରେ 'ମରାଠୀମାନୁଷ'ବା ଭୂମିପୁତ୍ରମାନଙ୍କ ନିଯୁକ୍ତିକ୍ଷେତ୍ର ସଙ୍କୁଚିତ ହେଉଛି ବୋଲି କେତେକ ମରାଠୀ ସଂଗଠନ ପ୍ରତିବାଦ କରିଥିଲେ। ଶିବସେନା ଓ ମହାରାଷ୍ଟ୍ର ନବନିର୍ମାଣ ସେନା ପରି ସଂଗଠନ ମହାରାଷ୍ଟ୍ର କେବଳ ମରାଠୀମାନଙ୍କ ପାଇଁ ଆନ୍ଦୋଳନ କରିବା ଯୋଗୁ ବିହାରୀମାନଙ୍କ ବିରୋଧରେ ସଂକୀର୍ଣ୍ଣ ମାନସିକତା ସୃଷ୍ଟି ହୋଇଥିଲା। ଉକ୍ତ କାରଣରୁ ହଜାର ହଜାର ବିହାରୀ ନିଜ ରାଜ୍ୟକୁ ଫେରି ଯାଇଥିଲେ। ବେକାରୀ ସମସ୍ୟା ଯେତିକି ବଢିବ ସେତିକି ଆଞ୍ଚଳିକ ଭାବନା ତା'ର କାୟାବିସ୍ତାର କରିବ। ଆମ ରାଜ୍ୟ ଓଡିଶାର ସୌଭାଗ୍ୟ ଯେ ଆମ ରାଜ୍ୟ ଓଡିଶାର ବୈଷୟିକ ବୃତ୍ତିଧାରୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ବାହାର ରାଜ୍ୟରେ ନିଯୁକ୍ତି ପାଇ ଶାନ୍ତିରେ କର୍ତ୍ତବ୍ୟ ପାଳନ କରୁଛନ୍ତି। ମହାରାଷ୍ଟ୍ରରେ ଯେପରି ଆଞ୍ଚଳିକ ସ୍ୱାର୍ଥରକ୍ଷା ସକାଶେ ଆନ୍ଦୋଳନ ଚାଲିଛି ଓଡିଶାରେ ଓ ବଙ୍ଗଳାରେ ଯେ ସେପରି ଆନ୍ଦୋଳନ ଭବିଷ୍ୟତରେ ନହେବ ତାହା କହିହେବ ନାହିଁ। ଓଡିଶାରେ ବିଗତ ବର୍ଷମାନଙ୍କରେ ଯେତେ ଯେତେ ଶିଳ୍ପ ସ୍ଥାପିତ ହୋଇଛି ସେଥିରେ ଆମ ନିଜ ରାଜ୍ୟର ଶିକ୍ଷିତ ବେକାରମାନଙ୍କୁ ନିଯୁକ୍ତି ମିଳିବା ପରିବର୍ତ୍ତେ ବାହାର ରାଜ୍ୟରୁ ନିଯୁକ୍ତି ମିଳୁଥିବା ଯୋଗୁ ଦିନେ ଏଠାରେ ମଧ୍ୟ ଅସନ୍ତୋଷର ବହ୍ନି ଜଳିଉଠିବ, ଏଥିରେ ସନ୍ଦେହ ନାହିଁ। ଏହି ପରିପ୍ରେକ୍ଷୀରେ ଓଡିଶାରେ ବ୍ୟକ୍ତିଗତ ଉଦ୍ୟମରେ ସ୍ଥାପନ କରାଯାଇଥିବା ଇଂଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜମାନଙ୍କରେ ନାମ ଲେଖାଇବା ପାଇଁ ଉପଯୁକ୍ତ ଛାତ୍ର ମିଳୁ ନ ଥିବାରୁ ୩୦ ହଜାରରୁ ଉର୍ଦ୍ଧ ସ୍ଥାନ ଖାଲି ପଡିଛି ଯାହାକି ଆମ ଶିକ୍ଷା ପଦ୍ଧତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ୩/୪ ବର୍ଷ ଧରି ଏପରି ଅବସ୍ଥା ଲାଗିରହିଛି। ଯୁକ୍ତ ଦୁଇ ଓ ତିନି ଶିକ୍ଷାନୁଷ୍ଠାନମାନଙ୍କରେ ମଧ ସିଟ୍ ଖାଲି ପଡୁଛି। ରାଜ୍ୟମାନଙ୍କରେ ଏପରି ଦୟନୀୟ ଶିକ୍ଷାବ୍ୟବସ୍ଥା ଲାଗିରହିଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ନୂତନ ଇଂଜିନିୟରିଂ କଲେଜ ଖୋଲିବା ପାଇଁ ମଂଜୁର ପ୍ରଦାନ କରୁଛନ୍ତି ଯାହା ନିହାତି ବିଚାରଯୋଗ୍ୟ। ଏପରି ସମୟରେ ବାହାର ଦେଶର ବୈଷୟିକ ଜ୍ଞାନପ୍ରାପ୍ତ ଯୁବକଯୁବତୀମାନଙ୍କୁ ଆଉ ବ୍ରିଟେନ, ଆମେରିକା ତଥା କେତେକ ୟୁରୋପୀୟ ଦେଶରେ ନନେବା ପାଇଁ ପଦକ୍ଷେପ ନେବା ଚିନ୍ତାର ବିଷୟ। ଏଭଳି ସମୟରେ ଆମ ରାଜ୍ୟରେ ଥିବା ଇଂଜିନିୟରିଂ କଲେଜରେ ପଲିଟେକନିକ୍ ଶିକ୍ଷାବ୍ୟବସ୍ଥା ସହିତ ଶିକ୍ଷିତ ବେକାରମାନଙ୍କୁ ବୃତ୍ତିଗତ ଶିକ୍ଷାଦେଇ ସେମାନଙ୍କୁ ନିଜ ରାଜ୍ୟରେ ନିଯୁକ୍ତି ଦେବା ବୁଦ୍ଧିମାନର କାର୍ଯ୍ୟ ହେବ। ବାହାର ରାଜ୍ୟରୁ ଆସି ଓଡିଶାରେ ଶିଳ୍ପସ୍ଥାପନ କରିଥିବା ବ୍ୟବସାୟୀ ଓ ଶିଳ୍ପସଂସ୍ଥାମାନେ ଓଡିଶା ବାହାରୁ ଲୋକ ଆଣି ଆମ ରାଜ୍ୟରେ ନିଯୁକ୍ତି ଦେଉଥିବାରୁ ଆମ ରାଜ୍ୟର ନିଯୁକ୍ତି ସମସ୍ୟା ସମାଧାନର ବାଟ ଫିଟିପାରୁନାହିଁ। କେବଳ ଯେଉଁ କ୍ଷେତ୍ରରେ ଓଡିଶାରେ ଉଚ୍ଚ ବୃତ୍ତିଗତଧାରୀଙ୍କ ଅଭାବ ରହିଛି କେବଳ ସେହି କ୍ଷେତ୍ରରେ ବାହାର ରାଜ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଗ୍ରହଣ କରାଯାଇପାରେ।

**ଉମାଶଙ୍କର ପ୍ରସାଦ**, ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

—ନାଗେଶ୍ୱର ସିନେ ସାହିତ୍ୟ ଆୱାର୍ଡ଼-୨୦୨୨—

# ଦିବ୍ୟାଙ୍ଗ ସମାଜସେବିକା ନର୍ମଦାଙ୍କୁ ମଦର ଟେରେସା ସମ୍ମାନ



ଭୁବନେଶ୍ୱର (ପିଏନ୍): ନାଗେଶ୍ୱର ଫିଲ୍ମ ପ୍ରଡ଼କ୍ସନ୍ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ନାଗେଶ୍ୱର ସିନେ ସାହିତ୍ୟ ଆୱାର୍ଡ଼ - ୨୦୨୨ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବେଦପାଠ ସହିତ ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନେ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଯୋଜକ-ନିର୍ଦ୍ଦେଶକ ଅଶୋକ ଘଡ଼ିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସାହିତ୍ୟିକ ରବି ନାରାୟଣ ସେନାପତି, ବିଶିଷ୍ଟ ସାହିତ୍ୟିକା ଲେଖିକା ଡଃ ଶକୁନ୍ତଳା ବଳିୟାରସିଂହ, ସାହିତ୍ୟିକ ହରେକୃଷ୍ଣ ଦାଶ, ସୌଦାମିନୀ ସାମନ୍ତରାଙ୍କ ପରିଚାଳିକା ଭାବେ ଉପସ୍ଥିତ ରହିବା ସହିତ ଅଧୁନା ସମୟରେ ସମାଜ ଗଠନରେ ସାହିତ୍ୟିକା ଓ ଲେଖିକାମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ସହିତ ନୂତନ ସ୍ରଷ୍ଟାମାନଙ୍କୁ ଉକ୍ତ ଅନୁଷ୍ଠାନ ଆଗକୁ ଆଣିବା ବେଶ୍ ପ୍ରେରଣାଦାୟୀ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ଓଡ଼ିଆ ଭାଷା, ସାହିତ୍ୟକୁ ସଠିକ୍ ଭାବରେ ବୁଝି ଜନକଲ୍ୟାଣରେ ଲଗାଇବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ସମାଜସେବିକା ନର୍ମଦା ବେହେରାଙ୍କୁ ମଦର ଟେରେସା ସମ୍ମାନ, ସାହିତ୍ୟିକା ଜୟଶ୍ରୀ ଦାଶ, ସୁଧା ପଟ୍ଟନାୟକ, ଭାସ୍କର ବେଦାନ୍ତ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ଧ୍ୟା ପୃଷ୍ଟି ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ସୁଧା ପଟ୍ଟନାୟକ।

# ନିଟ୍ (ୟୁଜି) ପରୀକ୍ଷାରେ ଡି.ଏ.ଭି. କଳିଙ୍ଗ ନଗରର ଆଶାତୀତ ସଫଳତା ସହ ସର୍ବକାଳୀନ ରେକର୍ଡ








ଭୁବନେଶ୍ୱର (ପିଏନ୍): ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାସ ଟେଷ୍ଟ (ନିଟ୍) ୟୁଜି ପରୀକ୍ଷା – ୨୦୨୨ରେ ଡି.ଏ.ଭି କଳିଙ୍ଗ ନଗରର ଛାତ୍ରଛାତ୍ରୀମାନେ ଆଶାତୀତ ସଫଳତା ହାସଲ କରିବା ସହ ବିଦ୍ୟାଳୟ ପାଇଁ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ବିଦ୍ୟାଳୟର ୧୫ ଜଣ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବେଳେ ୭ଜଣ ଛାତ୍ରଛାତ୍ରୀ ୪୫୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ସେଥିମଧ୍ୟରୁ ଆରତୀ ସିଂ ୬୫୬ ନମ୍ବର ରଖି ସର୍ବକାଳୀନ ରେକର୍ଡ ସହ ବିଦ୍ୟାଳୟରେ ପ୍ରଥମ ହୋଇଥିବା ବେଳେ ବୈଷ୍ଣବି ଦାସ ୬୫୦, ଏସ କେ ଶୁଭଶ୍ରୀ ୬୨୯, ଇପସିତା ପ୍ରିୟଦର୍ଶିନୀ ୫୬୨, ଶିବସୁନ୍ଦର ବାଜପେୟୀ ୫୫୮, ଦିବ୍ୟଦିଶା ପାଟ୍ଟଶାଣୀ ୫୫୭ ଏବଂ ସାୟୋନୀ ଜେନା ୪୫୭ ନମ୍ବର ରଖି ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀମାନେ ସେମାନଙ୍କ ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ପିତାମାତାଙ୍କୁ ଦେବା ସହ ଡାକ୍ତର ହୋଇ ଜନସାଧାରଣଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।



ଛାତ୍ରଛାତ୍ରୀମାନଙ୍କ ଏହି ଅନନ୍ୟ ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ମଦନମୋହନ ପଣ୍ଡା ଡି.ଏ.ଭି ଅନୁଷ୍ଠାନ ସମୂହ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ, ସହ ନିର୍ଦ୍ଦେଶିକା ଡ. ସୁଜାତା ଓ ଅଧକ୍ଷ ବିପିନ କୁମାର ସାହୁ ଅଭିନନ୍ଦନ ଜ୍ଞାପନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି।

# ଚନ୍ଦନ ସାହିତ୍ୟୋତ୍ସବ-୨୦୨୨ ଅନୁଷ୍ଠିତ




ଫୁଲନଖରା (ପିଏନ୍)-ସ୍ଥାନୀୟ ଜଗନ୍ନାଥପୁରସ୍ଥିତ ଗୋପୀନାଥ କଲ୍ୟାଣ ମଣ୍ଡପରେ 'ଚନ୍ଦନ ସାହିତ୍ୟୋତ୍ସବ-୨୦୨୨' ରବିବାର ଅନୁଷ୍ଠିତ ହୋଇଥିଲା। ଏହାକୁ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଡଃ. ପ୍ରମୋଦକୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ. କୁମରବର ଦାସ ମୁଖ୍ୟ ଅତିଥି ଓ ସ୍ତମ୍ଭକାର ଅଧାପକ ବିଶ୍ୱରଂଜନ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଅଳପ କଥା-ସାହିତ୍ୟ କଥା' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସାହିତ୍ୟ ପତ୍ରିକା 'ଚନ୍ଦନ'ର ଏକ ନୂତନ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ବର୍ଷ ୨୦୨୦, ୨୦୨୧ ଓ ୨୦୨୨ ପାଇଁ କବି ସୂର୍ଯ୍ୟ ମିଶ୍ର, ଗାଳ୍ପିକ ଆଭାସ ବରାଳ ଓ ଗାଳ୍ପିକ ରବିନାରାୟଣ ଦାଶଙ୍କୁ 'ଚନ୍ଦନ ସାରସ୍ୱତ ପ୍ରତିଭା ସମ୍ମାନ'ରେ ଭୂଷିତ କରାଯାଇଥିଲା। ପରେପରେ କବି ସୁରେଶ ନାୟକଙ୍କ ସଂଯୋଜନାରେ ଆମନ୍ତ୍ରିତ କବି ଓ କବୟିତ୍ରୀମାନଙ୍କୁ ନେଇ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉପସ୍ଥାପକ ଚନ୍ଦ୍ରବିଜୟୀ ମିଶ୍ର ଏହାକୁ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ସହ-ସମ୍ପାଦକ ସଂଜୟ ମହାନ୍ତି ଓ କଳା ସମ୍ପାଦକ ଶଶିକାନ୍ତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଲେଖକ ଲିଙ୍ଗରାଜ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ଓପୋଲଫେଡ଼ କାଉଣ୍ଟର ଉଦ୍‌ଘାଟିତ

ଫୁଲନଖରା (ପିଏନ୍)-କଟକ ଖପୁରିଆଠାରେ ଓପୋଲଫେଡ଼ର ଏକ ନୂତନ କେନ୍ଦ୍ର 'ଚିକେନ ଫ୍ରେସ' କାର୍ଯ୍ୟକ୍ଷମ ହୋଇଛି। ଏଠାରେ ଦୈନିକ ୫ ଶହରୁ ୧ ହଜାର ପର୍ଯ୍ୟନ୍ତ ଦେଶୀ ଓ ବ୍ରଏଲର କୁକୁଡ଼ାକୁ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରାଯାଇ ବିକ୍ରୟ ହେବାର ବ୍ୟବସ୍ଥା ହୋଇଛି। ଏହାଛଡ଼ା ବ୍ରଏଲର ଅଣ୍ଡା ଓ ଦେଶୀ କୁକୁଡ଼ା ଅଣ୍ଡା ଇତ୍ୟାଦି ମଧ୍ୟ ଖାଉଟିମାନଙ୍କୁ ଯୋଗାଇ ଦିଆଯିବ। ବନରାଜ, ଅଷ୍ଟ୍ରେଲିଆ, ଦେଶୀ ଓ ବ୍ରଏଲର କୁକୁଡ଼ା ମାଂସ ସୁବିଧାରେ ଏଠାରେ ଉପଲବ୍ଧ ହେବ ବୋଲି ଉଦ୍‌ଘାଟନ ଅବସରରେ ଓପୋଲଫେଡ଼ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅଲ୍ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟର ଜୟପୁର ଶାଖାର ବୈଠକ

ଜୟପୁର, (ପି.ଏନ): ଅଲ୍ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମୁଖ୍ୟର ଜୟପୁର ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର୍ ଟାଉନ୍ ହଲ ଠାରେ ଆୟୋଜିତ ଏହି ବୈଠକରେ ନନ୍ଦିନୀ ପଣ୍ଡା ଉପସ୍ଥିତ ରହି ନିଜର ଅଭି ଭାଷଣରେ କହିଥିଲେ ଯେ, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ତଥା ମୀନି ଅଙ୍ଗନୱାଡ଼ି କର୍ମୀମାନେ କେନ୍ଦ୍ର ସରକାରଙ୍କ ୬୦ ପ୍ରତିଶତ ଏବଂ ୪୦ ପ୍ରତିଶତ ଅଂଶଧନରେ ତାଙ୍କର ସମସ୍ତ ଯୋଜନାକୁ ସଫଳ କରି ମଧ୍ୟ ସରକାରୀ ମାନ୍ୟତା ତଥା ଉପଯୁକ୍ତ ବେତନରୁ ବଂଚିତ ହେଉଛନ୍ତି । ତେଣୁ ଆଗାମୀ ଦିନରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମୁଖ୍ୟର ସଭାନେତ୍ରୀ ଭାବେ ଅଙ୍ଗନୱାଡ଼ି ଭଉଣୀ ମାନଙ୍କ ମାସିକ ବେତନ ବୃଦ୍ଧି ଓ ସରକାରୀ ମାନ୍ୟତା, ଏସଏନପିର ମୂଲ୍ୟ ବୃଦ୍ଧି, ଗାଁ କଲ୍ୟାଣ ସମିତି ଉଚ୍ଛେଦ, ଅବସରକାଳୀନ ମାସିକ ଭତା, ମୃତ୍ୟୁକାଳୀନ ସହାୟତା ରାଶି, ଅଙ୍ଗନୱାଡ଼ି କର୍ମୀରୁ ସୁପରଭାଇଜର୍ ପଦନ୍ନୋତିରେ ପୂର୍ବ ନିର୍ଦ୍ଦେଶନାମାରେ ସାମାନ୍ୟ ପରିବର୍ତନ କରିବା, ସମସ୍ତଙ୍କୁ ବିଏସକେୱାଇ କାର୍ଡ ଯୋଗାଇଦେବା, ପୋଷଣ କାମକୁ ବାଧ୍ୟତାମୂଳକ ନକରି ଅଙ୍ଗନୱାଡ଼ିରେ ଖାତା ପତ୍ର କମ୍ କରିବା, ମୀନି ଅଙ୍ଗନୱାଡ଼ି କର୍ମୀଙ୍କୁ ସହକର୍ମୀ ଯୋଗାଇ ଦେବା ସହିତ ସେମାନଙ୍କୁ ସମାନ ବେତନ ପ୍ରଦାନ କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିବା ସହିତ ଆଗାମୀ ଦିନରେ ଦୃଢତାର ସହିତ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଶ୍ରୀମତୀ ନନ୍ଦିନୀ ଦୃଢୋକ୍ତି ପ୍ରକାଶ କରିଥିଲେ ଏବଂ ୨୦୧୯ ନିର୍ବାଚନ ପ୍ରଚାର ବେଳେ ଏନଡିଏ ସରକାର କ୍ଷମତାକୁ ଆସିଲେ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ୧୫,୦୦୦ ଟଙ୍କା କରାଯିବା କଥା କହିଥିବା କେନ୍ଦ୍ର ସରକାର ଆଜି ନିରବ୍ ଦ୍ରଷ୍ଟା ସାଜିଥିବାରୁ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ଭଳି ବୋଲି କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ରାଜ୍ୟ ସରକାର ମଧ୍ୟ ଅଙ୍ଗନୱାଡ଼ିର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଗୁରୁତ୍ୱ ଦେବା ସହିତ ସେମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ ।ସମ୍ମାନିତ ବକ୍ତା ବିଜୁ ଶ୍ରମିକ ସାମୁଖ୍ୟର କୋରାପୁଟ ଜିଲ୍ଲା ସଭାପତି ବାଲା ରାୟ ତାଙ୍କ ଅଭିଭାଷଣରେ ଅଙ୍ଗନୱାଡ଼ି ଭଉଣୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ ଓ କେନ୍ଦ୍ର ସରକାରଙ୍କ ଅଙ୍ଗନୱାଡ଼ି କର୍ମୀ ଙ୍କ ପ୍ରତି ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ, ତା ସହିତ ବ୍ଲକସ୍ତରୀୟ କିଛି ସମସ୍ୟାର ସମାଧାନ ନିମନ୍ତେ ଜୟପୁର ସିଡ଼ିପିଓଙ୍କୁ ଅବଗତ କରାଇବା ସହିତ ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ଅଭିଭକ୍ତ କୋରାପୁଟ ଜିଲ୍ଲା ସଂଯୋଜକ ନିରଞ୍ଜନ ପାତ୍ର ତାଙ୍କ ଅଭିଭାଷଣରେ ସଙ୍ଗଠନରେ ଏକତା ରକ୍ଷା କରିବା ସହିତ ନିଜ ହକ୍ ପାଇଁ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ ଓ ବାର୍ଷିକ ସଭ୍ୟା ଚାନ୍ଦା ଆଦାୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ଦିନରେ ଦାବୀ ପୂରଣ ନହେଲେ ନିଜ ହକ୍ ପାଇଁ ସାମୁଖ୍ୟ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଥିଲେ ।

# ବିଜୁଙ୍କ ପ୍ରିୟ ଡାକୋଟା ବିମାନ ଆଣିବା ପ୍ରସଙ୍ଗ ଭୁଲିଗଲେ ରାଜ୍ୟସରକାର : ହେମନ୍ତ

ବଲାଙ୍ଗିର ,(ପି.ଏନ): ଭୁଲି ଗଲେ ରାଜ୍ୟ ସରକାର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ ଡାକୋଟା ଭିଟି-ଏୟୁଆଇ ବିମାନ କଲିକତା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ନିଷ୍କ୍ରିୟ ଭାବେ ପଡି ରହିଥିବା ତଥ୍ୟ ସୂଚନା ଅଧିକାର ଆଇନ ବଳରେ ବଲାଙ୍ଗିରର ବରିଷ୍ଠ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ କଲିକାତା ବିମାନ ବନ୍ଦର ଜନ ସୂଚନା ଅଧିକାରୀ ସି ଭି ଦୀପକ ପ୍ରଦାନ କରିଛନ୍ତି । ତଥ୍ୟରୁ ଜଣାପଡିଛି ଯେ, ଓଡିଶାର ଗୁଜୁରାଟ କ୍ୟାଡର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସ୍ୱର୍ଗତ ଗୁରୁ ପ୍ରସାଦ ମହାପାତ୍ର ଭାରତୀୟ ବିମାନ ବନ୍ଦର ପ୍ରଧୀକରଣର ଅଧ୍ୟକ୍ଷ ଥିବା ବେଳେ ୨୦୧୭ ମସିହା ଡିସେମ୍ବର ୧୩ରେ ପତ୍ର ମାଧ୍ୟମରେ ଓଡିଶାର ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ପ୍ରଥମେ ଜଣାଇଥିଲେ ଯେ, ଓଡିଶାର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ବିଜୁ ପଟ୍ଟନାୟକ ଅତୀତରେ ପ୍ରତିଷ୍ଠା କରିଥିବା କଳିଙ୍ଗ ଏୟାରଲାଇନ୍ସରେ ପ୍ରାୟ ଏକ ଡଜନ ବିମାନ ରହିଥିଲା ଏବଂ ବିଜୁ ପଟ୍ଟନାୟକ କଳିଙ୍ଗ ଏୟାରଲାଇନ୍ସର ମୁଖ୍ୟ ପାଇଲଟ ଥିଲେ । ଏହି ବିମାନ ଗୁଡିକ ମଧ୍ୟରୁ ଭିଟି-ଏୟୁଆଇ ରେଜିଷ୍ଟ୍ରେସନ ରହିଥିବା ବିମାନରେ ବିଜୁ ପଟ୍ଟନାୟକ ନିଜେ ପାଇଲଟ ଭାବେ ଇଣ୍ଡୋନେସିଆର ତତ୍କାଳୀନ ଉପରାଷ୍ଟ୍ରପତି ଏମଡି ହାତ୍ତା ଓ ପ୍ରଧାନମନ୍ତ୍ରୀ ସୁତାନ ସାହାରିରଙ୍କୁ ଉଦ୍ଧାର କରି ଆଣିଥିଲେ ଏବଂ ଏହି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ପ୍ରଦାନ କରାଯାଇଥିଲା । ବିଶେଷ ଐତିହାସିକ ମହତ୍ତ୍ୱ ରଖିଥିବା ଏହି ବିମାନକୁ କଲିକତା କିମ୍ବା ଭୁବନେଶ୍ୱର ବିମାନ ବନ୍ଦର କିମ୍ବା କୌଣସି ସଂଗ୍ରହାଳୟରେ ରଖାଗଲେ ସ୍ୱର୍ଗତ ବିଜୁ ବାବୁଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ ଓ ଓଡିଶା ସରକାର କିମ୍ବା ଅନ୍ୟ କୌଣସି ଅନୁଷ୍ଠାନ ଏହାକୁ ନେବା ପାଇଁ ଚାହିଁଲେ ବିମାନ ବନ୍ଦର ପ୍ରାଧିକରଣ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ମହାପାତ୍ର ଚିଠିରେ ଉଲ୍ଲେଖ କରିଥିଲେ । ପରବର୍ତ୍ତୀ ସମୟରେ ତଥା ୨୦୧୮ ମସିହାରେ ଓଡିଶା ପାଇଁ ଗର୍ବ ଓ ଗୌରବ ବହନ କରୁଥିବା ଏହି ବିମାନ ପରିତ୍ୟକ୍ତ ଅବସ୍ଥାରେ କଲିକତା ବିମାନ ବନ୍ଦରରେ ପଡିଥିବା ତଥ୍ୟ ସୂଚନା କର୍ମୀ ଶ୍ରୀ ପଣ୍ଡା ପ୍ରଦାନ କରି ବିମାନକୁ ଓଡିଶା ଆଣିବା ପାଇଁ ଗଣମାଧ୍ୟମ ଜରିଆରେ ଦାବୀ ଉପସ୍ଥାପନ କରିଥିଲେ । ଶ୍ରୀ ପଣ୍ଡାଙ୍କ ଯୁକ୍ତି ଥିଲା ଯେ, ଏହି ବିମାନ କେବଳ ଓଡିଶା ପାଇଁ ନୁହେଁ ସମଗ୍ର ଦେଶ ପାଇଁ ଗର୍ବ ଓ ଗୌରବର ବାର୍ତ୍ତା ବହନ କରେ । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ୧୯୪୭ ମସିହାରେ ଇଣ୍ଡୋନେସିଆର ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ଦୁର୍ଦ୍ଦଷ ବିଜୁବାବୁ ବିରଳ ସାହସିକତା ପ୍ରଦର୍ଶନ କରି ଉଦ୍ଧାର କରିଥିଲେ । ଏହି ଐତିହାସିକ ବିମାନ ପଣ୍ଡିତ ନେହେରୁ ଏବଂ ବିଜୁବାବୁଙ୍କ ମଧ୍ୟରେ ନିବିଡ ସମ୍ପର୍କର ବାର୍ତ୍ତା ମଧ୍ୟ ବହନ କରେ । ଏହା ପରେ ଓଡିଶା ସରକାର ୨୦୨୦ ମସିହା ଜାନୁଆରୀ ୨୧ ତାରିଖ ଦିନ ଏହି ବିମାନକୁ ରାଜ୍ୟକୁ ଆଣିବା ପାଇଁ ବିଧିବଦ୍ଧ ଭାବେ ବିମାନ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷଙ୍କୁ ଜଣାଇଥିଲେ । ଏହି ବର୍ଷ ଅକ୍ଟୋବର ୮ ତାରିଖ ଦିନ ରାଜ୍ୟର ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ବିମାନକୁ ଆଣି ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ପରିସର ମଧ୍ୟରେ ସ୍ଥାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ଆଖଣ୍ଡଳମଣି ପୀଠରେ କାର୍ଯ୍ୟକାରୀ ହେବ ମାଷ୍ଟରପ୍ଲାନ, ସମୀକ୍ଷା କଲେ ରାଜ୍ୟ ସାଙ୍ଗଠନିକ ସଂପାଦକ

ଭଦ୍ରକ, (ପି.ଏନ): ଆରଡି ଧାମର ବାବା ଆଖଣ୍ଡଳମଣି ମନ୍ଦିର ବେଢା ଓ ପୀଠର ସଂପ୍ରସାରଣ ଓ ଉନ୍ନତିମୂଳକ କାମ ପାଇଁ ଆଜି ପୀଠରେ ରାଜ୍ୟ ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ପହ୍ଁ ସମୀକ୍ଷା କରିବା ସହ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ । ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢା ଓ ୪ ଦ୍ୱାର ଗୁମୁଟର ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା ୬ କୋଟି ଟଙ୍କା । ଏହାର କାର୍ଯ୍ୟ ଆଗେଇ ଚାଲିଥିବାବେଳେ ୨ୟ ପର୍ଯ୍ୟାୟ ପୀଠର ପ୍ରବେଶ ପଥ ଠାରୁ ଆରମ୍ଭ କରି ମନ୍ଦିର ଚତୁଃପାର୍ଶ୍ୱର ସଂପ୍ରସାରଣ ପାଇଁ ପ୍ରସ୍ତୁତ ହୋଇଥିବା ବ୍ଲୁ ପ୍ରିଂଟ ଦେଖିଥିଲେ ଶ୍ରୀ ଦାସ । ଶ୍ରୀ ଦାସ ପୀଠରେ ପହଂଚିବା ପରେ ଜିଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ ସେବାୟତମାନଙ୍କ ସହ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ଓ ଜଳଲାଗି କରିବା ସହ ମଣିବାବାଙ୍କ ଦର୍ଶନ କରିଥିଲେ । ଶ୍ରୀ ଦାସଙ୍କ ଗସ୍ତରେ ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ମନୋଜ ପାତ୍ର, ଚାନ୍ଦବାଲି ବିଡିଓ ଜ୍ୟୋତିବିକାଶ ଦାସ, ତହସିଲଦାର ସୁଶାନ୍ତ ସୂତାରଙ୍କ ସହ ବହୁ ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ବାବା ଆଖଣ୍ଡଳମଣିଙ୍କ ମନ୍ଦିର ରାଜ୍ୟର ଏକ ପୁରାତନ ଶୈବକ୍ଷେତ୍ର ହୋଇଥିବାରୁ ପୀଠର ବିକାଶ ନିମନ୍ତେ ବହୁବାର ସେବାୟତମାନେ ଦାବି କରିଆସୁଥିଲେ । ପୀଠର ମାଷ୍ଟର ପ୍ଲାନ କାର୍ଯ୍ୟକାରୀ ପାଇଁ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ ହୋଇଥିବାରୁ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସାଙ୍ଗଠନିକ ସଂପାଦକ ଶ୍ରୀ ଦାସ ସେବାୟତମାନଙ୍କୁ କହିଥିଲେ । ଏହି ସଂପ୍ରସାରଣ କାର୍ଯ୍ୟ ନିମନ୍ତେ ଉଚ୍ଛେଦ ହେବାକୁ ଥିବା ବାସଗୃହ ଓ ଦୋକାନ ଗୃହର ଥଇଥାନ ପାଇଁ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ପ୍ରଣବ ।

## ବାଇକ୍ ଦୁର୍ଘଟଣାରେ ଗୁରୁତର ଆଇସିଡିଏସ ସୁପରଭାଇଜରଙ୍କ ମୃତ୍ୟୁ

କନ୍ଧମାଳ, (ପି.ଏନ):ବାଇକ ଦୁର୍ଘଟଣାରେ ଗୁରୁତର ହୋଇ ଭୁବନେଶ୍ୱର ସମ ହସ୍ପିଟାଲରେ ଚିକିତ୍ସାଧୀନ ଥିବା କନ୍ଧମାଳ ଜିଲ୍ଲା ଖଜୁରୀପଡା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ଗୁଡାରି ସେକ୍ଟର ଶିଶୁ ବିକାଶ ସୁପରଭାଇଜର ଶ୍ରୀମତୀ ଶୁଭଲକ୍ଷ୍ମୀ ପାଣିଗ୍ରାହୀଙ୍କ ଗତକାଲି ମୃତ୍ୟୁ ଘଟିଛି । ସେ ଗତ ଶୁକ୍ରବାର ଫୁଲବାଣୀରୁ ବାଇକରେ ତାଙ୍କର ପୁଅ ସହିତ ଦାରିଙ୍ଗବାଡି ଯାଉଥିବାବେଳେ ରାତି ସାତଟା ବେଳେ ରତଙ୍ଗ ନିକଟସ୍ଥ ଡ଼ଙ୍ଗରପଡା ଠାରେ ନୂତନ ଭାବେ ନିର୍ମିତ ହମ୍ପସରେ ବାଡେଇ ହୋଇଯାଇଥିଲା । ଫଳରେ ମା ଶୁଭଲକ୍ଷ୍ମୀ ଗୁରୁତର ଆହତ ହୋଇଥିଲେ ।ଆଖପାଖରେ ଥିବା ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିନଥିଲା । ଏକ ଅଟୋରିକ୍ସାରେ ତାଙ୍କୁ ଫିରିଙ୍ଗିଆ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରି ଫୁଲବାଣୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା ।

# କୋଟଗଡ଼ ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ଗୃହରକ୍ଷୀ

କନ୍ଧମାଳ,(ପି.ଏନ): କନ୍ଧମାଳରେ ପୁଲିସ ବିଭାଗରେ ବିଚିତ୍ର ସ୍ଥିତି । ପୁଲିସ ମାଡ ମାରୁଛି ପୁଲିସ କର୍ମଚାରୀଙ୍କୁ । କୋଟଗଡ ଥାନା ଅଧିକାରୀ ଧିରଜ ଲେଙ୍କା ସେହି ଥାନାରେ କାର୍ଯ୍ୟରତ ଜଣେ ଗୃହରକ୍ଷୀକୁ ପ୍ରବଳ ମାଡ ମାରିଛନ୍ତି । ଆହତ ଗୃହରକ୍ଷୀ ଫୁଲବାଣୀ ଆସି ଏସପି ବିନିତ୍ ଅଗ୍ରୱାଲଙ୍କୁ ଗତକାଲି ସନ୍ଧ୍ୟାରେ ସାକ୍ଷାତ କରି ଗୁହାରି କରିଛନ୍ତି । ତଦନ୍ତ ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଏସପି । ଡିଏସପି (ଏଚଆରପିସି )ଙ୍କ ମାଧ୍ୟମରେ ଅଭିଯୋଗ ଦାଖଲ କରିଛନ୍ତି ପୀଡିତ ହୋମଗାର୍ଡ କବିଚନ୍ଦ୍ର ନାୟକ । ଅଭିଯୋଗ ଅନୁଯାୟୀ, ହୋମଗାର୍ଡ କବିଚନ୍ଦ୍ର ୨୦୦୬ ମସିହାରୁ ହୋମଗାର୍ଡ ଭାବେ ଦିର୍ଘ ୧୬ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି । ତେବେ ଚଳିତ ମାସ ଆଠ ତାରିଖ ଦିନ ଥାନାକୁ ଯାଇଥିବା ବେଳେ କୋଟଗଡ ଥାନା ଅଧିକାରୀ ଧୀରଜ ଲେଙ୍କା ତାଙ୍କୁ ଗାଳିଗୁଲଜ କରିବା ସହିତ ଲାଠିରେ ପ୍ରବଳ ମାଡ ମାରିଥିଲେ । ମିଛ କହି ଗୋଡ ଛୋଟା ହୋଇଛି କହି ଠକୁଛୁ ବୋଲି କହିଥିଲେ । ହାଜତରେ ପୁରାଇବାକୁ ମଧ୍ୟ ଉପସ୍ଥିତ ଥିବା ଏଏସଆଇ ଓ ଅନ୍ୟ କର୍ମଚାରୀଙ୍କୁ କହିଥିଲେ । ଏପରିକି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ । ପରେ ପରେ ଘରକୁ ଆସିବା ସହିତ ମୁଁ ଛୁଟିରେ ଚାଲିଆସିଥିଲି ବୋଲି କହିଛନ୍ତି ପୀଡିତ ହୋମଗାର୍ଡ । ଏହା ସହିତ ଥାନା ଅଧିକାରୀ ଶ୍ରୀ ଲେଙ୍କା ସାଧାରଣ ଲୋକଙ୍କୁ ମଧ୍ୟ ଅତ୍ୟନ୍ତ ଅମାନୁଷିକ ଭାବେ ମାଡ ମାରୁଛନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି ପୀଡିତ ହୋମଗାର୍ଡ । ଏପରିକି ନ୍ୟାୟ ନ ମିଳିଲେ ଥାନା ଆଗରେ ଆତ୍ମହତ୍ୟା କରିବି ବୋଲି କହିଛନ୍ତି । ଏଥିସହିତ ମାଡ ଖାଇବା ପରେ ଅତ୍ୟନ୍ତ ମାନସିକ ଅବସାଦରେ ରହିଛି ବୋଲି ସେ କହିଛନ୍ତି । ଏନେଇ ହୋମଗାର୍ଡ ସଂଘ ସମେତ ରାଜ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ମଧ୍ୟ ସେ ଲିଖିତ ଭାବେ ଜଣାଇଛନ୍ତି । ଏଚଆରପିସି ଡିଏସପିଙ୍କ ମାଧ୍ୟମରେ ଏସପିଙ୍କୁ ଭେଟିବା ପରେ ତଦନ୍ତ କରାଯାଇ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଏସପି ବିନିତ୍ ଅଗ୍ରୱାଲ । ତେବେ କିଛିଦିନ ତଳେ ଥାନାଧିକାରୀଙ୍କ ନିର୍ଯ୍ୟାତନାର ଶିକାର ମହିଳା ଏସଆଇ ଜଣକ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା । ତେବେ ଏ ନେଇ କୋଟଗଡ଼ ଥାନା ଅଧିକାରୀ କିମ୍ବା ଏସପିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ସେ ଯାହାହେଉ ନିରପେକ୍ଷ ତଦନ୍ତ ପରେ ହିଁ ଘଟଣାର କେତେ ସତ୍ୟତା ରହିଛି ତାହା ଜଣାପଡିବ ।

## ଗଛର ସୁରକ୍ଷା ପାଇଁ ଛାତ୍ର ଛାତ୍ରୀ ତଥା ଅଧ୍ୟାପକ ନେଲେ ଶପଥ ପାଠ : ବୃକ୍ଷ ବନ୍ଧୁ କାର୍ଯ୍ୟକ୍ରମ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘୁନସର ଠାରେ କଲେଜ ଅଧ୍ୟକ୍ଷ ଶୁବେନ୍ଦୁ ବିକାଶ କୁମ୍ଭାରଙ୍କ ସଭାପତିତ୍ୱରେ ଓ ପ୍ରକୃତିବନ୍ଧୁ ଶିକ୍ଷକ ତଥା ରେଡକ୍ରସ କର୍ମୀ ରାମ ନାରାୟଣ ଦାଶଙ୍କ ସଂଯୋଜନାରେ ବୃକ୍ଷବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଘୁନସର ସରପଂଚ ଅନୁରାଧା ସେଠ ଯୋଗ ଦେଇଥିଲେ । ଡେଙ୍ଗ ବିଦ୍ୟାଳୟର ଇକୋ କ୍ଲବ ଅମରାବତି ଓ ରେଡକ୍ରସର ମିଳିତ ଆନୁକୂଲ୍ୟ କାର୍ଯ୍ୟକ୍ରମରେ କଲେଜ ର ଛାତ୍ର ଛାତ୍ରୀ ଓ ଅଧ୍ୟାପକ ଗଛ ର ସୁରକ୍ଷା ପ୍ରତି ଧ୍ୟାନ ଦେବା ସହ ବୃକ୍ଷ ରୋପଣ କରି ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଶପଥ ପାଠ କରିଥିଲେ । ପ୍ରତ୍ୟେକ ଛାତ୍ର ଛାତ୍ରୀ ଗୋଟିଏ

# ସୌମ୍ୟରଂଜନଙ୍କ ସନ୍ଦେହଜନକ ମୃତ୍ୟୁ ଆତ୍ମହତ୍ୟା ନା ହତ୍ୟା ! ନିରପେକ୍ଷ ତଦନ୍ତ ଦାବି କଲା ପରିବାର

ଭଦ୍ରକ, (ପି.ଏନ): ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନସ୍ଥ ଆରଡି ଛକରେ ଏକ ଭଡାଘରେ ରହି ଘରୋଇ ଟବାକୋ କଂପାନୀରେ ଚାକିରୀ କରୁଥିବା ଜଣେ ଯୁବକର ମୃତଦେହ ସନ୍ଦେହଜନକ ଅବସ୍ଥାରେ ରୋଷେଇଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାର ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ସ୍ଥାନୀୟ ଲୋକେ ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଆଲୋଚନା କରୁଥିବାବେଳେ ମୃତ ଯୁବକର ଭିଣୋଇ ଏ ସଂପର୍କରେ ଗ୍ରାମାଂଚଳ ଥାନାରେ ଅଭିଯୋଗ ପତ୍ର ଦେଇଥିବାର ଜଣାପଡିଛି । ତେବେ ଖବର ପାଇ ଗ୍ରାମାଂଚଳ ଥାନା ପୁଲିସ୍ ଘଟଣାସ୍ଥଳରେ ପହଂଚି ମୃତ ଯୁବକର ଶବକୁ ଜବତ କରି ସରଜମିନ୍ ତଦନ୍ତ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ତାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ଏହି ଘଟଣା ସଂପର୍କରେ ମିଳିଥିବା ତଥ୍ୟ ଅନୁସାରେ ଯାଜପୁର ଜିଲା କଳିନ୍ଦ୍ରାବାଦ ହଜାରିସାହି ନିବାସୀ ସ୍ୱର୍ଗତଃ ବାଇଧର ସାହୁଙ୍କ ପୁତ୍ର ସୌମ୍ୟରଂଜନ (୩୬) ଭଦ୍ରକର ଆରଡିଛକରେ ଥିବା ଇଣ୍ଡିଆନ ଟବାକୋ କଂପାନୀ ନାମକ ଏକ ଘରୋଇ ସଂସ୍ଥା (ଆଇଟିସି) ରେ ସେଲ୍ସମେନ୍ ଭାବେ କାର୍ଯ୍ୟ କରୁଥିଲା । ସେ ସେଠାରେ କାର୍ଯ୍ୟ କରିବା ମଧ୍ୟରେ ସ୍ଥାନୀୟ ଧନଞ୍ଜୟ ଲେଙ୍କା ନାମକ ଜଣେ ଶିକ୍ଷକଙ୍କ ଘରେ ଭଡାସୂତ୍ରରେ ରହିଆସୁଥିଲା । ତାହା ସହ ତାର ଦୁଇ ସାଥୀ ବିଂଝାରପୁର ଅରେଇ ଗ୍ରାମନିବାସୀ ଶୁଭ୍ରାଂଶୁ ବେହେରା (୨୨) ଓ ଖଣ୍ଡରା ଗ୍ରାମନିବାସୀ ବଟକୃଷ୍ଣ ପାଣିଗ୍ରାହୀ (୪୨) ରହିଆସୁଥିଲେ । ଆଜି ସକାଳେ ସୌମ୍ୟରଂଜନର ଅନ୍ୟ ଦୁଇ ସାଥୀ ଡ୍ୟୁଟି କରିବାକୁ ଯିବା ସମୟରେ ତାକୁ ଡାକିଥିବାବେଳେ ସେ ଦେହ ଅସୁସ୍ଥ ଥିବାର କହି ଘରେ ରହିଥିଲା । ଇତିମଧ୍ୟରେ ଦିନ ପ୍ରାୟ ୧୧ଟା ସମୟରେ ସୌମ୍ୟ ରହୁଥିବା ଭଡାଘର ନିକଟରେ ଅନ୍ୟ ଏକ ଘରେ ଭଡାସୂତ୍ରରେ ରହୁଥିବା ପ୍ରଶାନ୍ତ ଦାସ ନାମକ ବ୍ୟକ୍ତିଙ୍କ ପତ୍ନୀ ସବିତା ନିକଟରୁ ସୌମ୍ୟର ମୃତ୍ୟୁ ସଂପର୍କରେ ଖବର ପାଇ ଅନ୍ୟ ଦୁଇ ସାଥୀଙ୍କୁ ଜଣାଇଥିଲେ ଓ ଆରଡିଛକରେ ପରିବା ବ୍ୟବସାୟ କରିଥିବା ସୌମ୍ୟରଂଜନର ଭିଣୋଇ ଅନୀଲ କୁମାର ମାଝୀଙ୍କୁ ଖବର ଦେଇଥିଲେ । ସେମାନେ ଘଟଣାସ୍ଥଳରେ ପହଂଚିବା ବେଳକୁ ପ୍ରଶାନ୍ତ ଶବକୁ ତଳକୁ ଓହ୍ଲାଇ ସାରିଥିଲେ । ତେବେ ସୌମ୍ୟଙ୍କ ମୃତଦେହ ରୋଷେଇଘର କଡାରେ ଏକ ପ୍ଲାଷ୍ଟିକ୍ ଦୌଡାରେ ଫାଶୀ ଅବସ୍ଥାରେ ଦେଖିବାକୁ ମିଳିଥିଲା ବୋଲି ପ୍ରଥମେ ଦେଖିଥିବା ସବିତା ବୟାନ ଦେଇଥିଲେ ମଧ୍ୟ ମୃତକଙ୍କ ପାଟିରେ କନା ବିଣ୍ଡା ଦିଆଯାଇଥିବା ଓ ମୋବାଇଲ୍ ନମିଳିବା ଘଟଣା ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

## ଶିକ୍ଷକ ଓ ଭିତିଭୂମିର ଅଭାବ ପୂରଣ ଦାବୀରେ ସାଧାରଣ ପରିଚାଳକ କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ

ଜୟପୁର, (ପି.ଏନ): ଜୟପୁର ବ୍ଲକ ଅନ୍ତର୍ଗତ ବାରିଣିପୁଟ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଆଜି ରାଜରାସ୍ତାକୁ ଓହ୍ଲାଇଛନ୍ତି । ଏନେଇ ସମସ୍ତ ଛାତ୍ରଛାତ୍ରୀ ଆଜି ବରିଷ୍ଠ ସାଧାରଣ ପରିଚାଳକ କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟାଳୟକୁ ଘେରାଉ କରି ତାଲା ମାରିଥିଲେ । ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ ସ୍କୁଲ ବ୍ୟାଗ ଧରି କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କାଯ୍ୟାଳୟ ଅଧିନରେ ବିଦ୍ୟାଳୟ ରହିଥିବାରୁ କାଯ୍ୟାଳୟକୁ ଘେରାଉ କରିଥିଲେ ।ଛାତ୍ର ଛାତ୍ରୀଙ୍କ କହିବାନୁଯାୟୀ, ବିଦ୍ୟାଳୟରେ ଶିକ୍ଷକ ସହ ଭିତିଭୂମିର ଅଭାବ ରହିଛି । ଏଠାରେ ଷଷ୍ଠ ଠାରୁ ଦଶମ ଶ୍ରେଣି ରହିଥିବା ବେଳେ ୩ ଶହ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ମାତ୍ର ୬ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଅଛନ୍ତି ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Thursday September 15, 2022 ଭୁବନେଶ୍ୱର ଗୁରୁବାର, ସେପ୍ଟେମ୍ବର ୧୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ନର୍ଭେରାମ କମ୍ପାନୀର ଗ୍ରାମ ସଭା ସଫଳ, ନିର୍ମାଣ ହେବ ପିଲେଟ୍ ପ୍ଲାଣ୍ଟ

ଯୋଡା, (ଫୁଲ ଅଉରୋ): ନର୍ଭେରାମ ପାୱାର ଏଣ୍ଡ ଷ୍ଟିଲର ପ୍ରସ୍ତାବିତ ପିଲେଟ୍ ପ୍ଲାଣ୍ଟ ନିମର୍ଂ ବୁଧୁବାର ଯୋଡା ବ୍ଲକ ଅ'ର୍ଗତ ଭଦ୍ରାସାହି ପଞ୍ଚାୟତ ଟଣ୍ଟୋ ଗ୍ରାମରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ୨୭.୨୯ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ପାଇଁ ଶତାଧିକ ପୁରୁଷ ମହିଳା କମ୍ପାନୀ ସପକ୍ଷରେ ନିଜ ନିଜ ମତ ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସିଙ୍କ କହିବା ମୁତାବକ ଆଗରୁ ନର୍ଭେରାମର ଖଣି ଅଛି ହେଲେ ଶିଳ୍ପ ସଂସ୍ଥା ହେଲେ ଆଗକୁ ଗ୍ରାମର ଉନ୍ନତି ହେବା ସହ ଚାକିରି, ରାସ୍ତାଘାଟ,ଶିକ୍ଷା,ସ୍ୱାସ୍ଥ୍ୟ ସେବା,ଏପରିକି ମୌଳିକ ସୁବିଧା ପାଇପାରିବେ ବୋଲି କମ୍ପାନୀ ସପକ୍ଷରେ ମତ ରଖିଥିଲେ। ଶାଁ ଶୃଙ୍ଖଳା ସହ ଗ୍ରାମ ସଭା ସମ୍ପର୍ଣ୍ଣ ହୋଇଥିଲା । ଏହି ଗ୍ରାମସଭାରେ ଏ.ବି.ଡି.ଓ ସିବ କୁମାର ଇକା,ମଙ୍ଗଳ ସମ୍ପ୍ରସାରଣ ଆଧିକାରୀ ସୁଲତା ପ୍ରଧାନ,ପଞ୍ଚାୟତ ନିର୍ବାହୀ ଅଧିକାରୀ ପରେଶ କୁମାର ମହାରଣା,ଗ୍ରାମ ରକ୍ଷୀ ଗଗନ ପଲେଇ,ବନ ଅଧିକାରୀ ଅକ୍ଷୟ ମହାନ୍ତି, ରାଜସ୍ୱ ନିରୀକ୍ଷକ ପ୍ରକାଶ ପ୍ରଧାନ, ଉପସ୍ଥିତ ଥିବା ସହ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ, ନାଏବ ସରପଞ୍ଚ,ସମିତି ସଭ୍ୟ,ଜିଲ୍ଲାପରିଷଦ ସଭ୍ୟ,ୱାର୍ଡ ସଭ୍ୟ,କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ରହିବା ସହ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ବ୍ୟାପକ ପୋଲିସ ବଳ ମୃତୟନ ହୋଇଥିଲେ। ଏଠାରେ ସୂଚନା ଯୋଗ୍ୟ ଗତ ଜୁଲାଇ ମାସ ୨୦ ତାରିଖରେ ଏହି କମ୍ପାନୀର ଗ୍ରାମସଭା ଅନୁଷ୍ଠିତ କରାଯାଇଥିଲେ ହେଁ ଉକ୍ତ ଗ୍ରାମସଭାରେ ଗ୍ରାମର ସାଧାରଣ ଅଧିବାସୀ ଭାଗ ନେଇନଥିଲେ ଫଳରେ ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମସଭାକୁ ସ୍ଥଗିତ ରଖାଯାଇଥିଲା।

## ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳରେ କଂଗ୍ରେସର କର୍ମୀ ସମ୍ମିଳନୀ

ମାଲକାନଗିରି, (ପି.ଏନ): ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳରେ ଆଜି କଂଗ୍ରେସ ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାଭିମାନ ଅଂଚଳର ଶତାଧିକ ଆଦିବାସୀ ଏକାଠି ହୋଇ ସ୍ୱାଭିମାନ ଅଂଚଳର ସମସ୍ୟା ବିଷୟ ନେଇ ଦୁଃଖ ପ୍ରକାଶ କରିଥିଲେ । ଲୋକେ କହିବା ଅନୁଯାଇ (ନାଁ ଏଠି ସ୍ୱାଭିମାନ କିନ୍ତୁ ଲୋକେ ହେଉଛନ୍ତି ହୀନମାନ) । ଏଣୁ ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା ହୋଇଥିଲା ।

## ଖୋର୍ଦ୍ଧା ଜିଲ୍ଲା ବଧିର ସଂଘ ପକ୍ଷରୁ ୬୫ତମ ବିଶ୍ୱ ବଧିର ସପ୍ତାହ ପାଳିତ






ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱସ୍ଥିତ ଲୋହିଆ ଏକାଡେମୀରେ ଖୋର୍ଦ୍ଧା ଜିଲ୍ଲା ବଧିର ସଂଘ ତରଫରୁ ୬୫ତମ ବିଶ୍ୱ ବଧିର ସପ୍ତାହ ପାଳିତ ହୋଇଯାଇଛି। ଉକ୍ତକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୟ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅନିଲ୍ କୁମାର ପାଶୱାନ୍ ଯୋଗ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଦିପ୍ତ ହୋତା, ଉପଦେଷ୍ଟା ଅସିତ୍ ମିଶ୍ର, ଓଡିଶା କ୍ରୀଡା ବଧିର ସଂଘର ସାଧାରଣ ସମ୍ପାଦକ ନିରଂଜନ ଯୋସୀ, ଓଡିଶା ବଧିର ସଂଘର ସଭାପତି ଶିବ ନାରାୟଣ ବହିରଦାର, ଓଡିଶା ବଧିର ସଂଘର ପ୍ରତିଷ୍ଠାତା ବିଜୟ ପରିଡା ଏବଂ ସାଙ୍କେତିକ ଭାଷା ଅନୁବାଦକ ପ୍ରମୋଦ କୁମାର ମହାପାତ୍ରଙ୍କ ସମେତ ଓଡିଶାର ସମସ୍ତ ଜିଲ୍ଲାରୁ ପ୍ରାୟ ୨୦୦ଜଣ ବଧିର ଭାଇଓଭଉଣୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବଧିରମାନଙ୍କ ମଙ୍ଗଳ ପାଇଁ ସବୁ ପ୍ରକାରର ସାହାଯ୍ୟ ସହଯୋଗ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।

## ପେନ୍‌ସନ୍ ଯୋଜନା ସେବା ସପ୍ତାହ ପାଳିତ



କେନ୍ଦୁଝର(ପି.ଏନ):ଓଡିଶା କୋଷାଗାର ନିର୍ଦ୍ଦେଶାଳୟ ଓ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ତଥା ଜିଲ୍ଲା କୋଷାଗାର, କେନ୍ଦୁଝର ସହଯୋଗରେ ଚଳିତ ସେପ୍ଟେମ୍ବର ମାସ ୧୪ ତାରିଖ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କୋଷାଗାର ଅଧିକାରୀ ରଂଜିତ କୁମାର ମାଝୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଉଠାଣ ଓ ବିତରଣ ଅଧିକାରୀଙ୍କ ସମେତ କର୍ମଚାରୀ ଯୋଗ ଦେଇଥିଲେ। ଜିଲ୍ଲା କୋଷାଗାର ଅଧିକାରୀ ଶ୍ରୀ ମାଝୀ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ ପେନ୍‌ସନ୍ ଯୋଜନା ସେବା ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସଚେତନ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା କୋଷାଗାର ମାଷ୍ଟର ଟ୍ରେନର ସରୋଜ କୁମାର ବେହେରା ଏନ୍.ପି.ଏସ୍. (ନ୍ୟାସନାଲ ପେନ୍‌ସନ ସ୍କିମ୍) ସମ୍ପର୍କରେ ବିଶଦ ଭାବେ ଆଲୋଚନା କରି ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ଜିଲ୍ଲା କୋଷାଗାରର ହିସାବ ରକ୍ଷକ ରମେଶ ଚନ୍ଦ୍ର ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ନାଏକ ଓ କଳ୍ପତରୁ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

## ଶହୀଦ ପୀଠ ତେନ୍ତୁଳୀଗୁମ୍ମା ଠାରେ ଅହିଂସା ରଥକୁ ସ୍ୱାଗତ

ଜୟପୁର,(ପି.ଏନ): ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ଦେଶ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ବାର୍ତା ତଥା ଗାନ୍ଧିଜୀଙ୍କ ଅହିଂସା ନୀତି, ଶକ୍ତି ଓ ଜନସାଧାରଣଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଅଗଷ୍ଟ ୧୫ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଅହିଂସା ରଥ ସାରା ରାଜ୍ୟ ପ୍ରରିକ୍ରମା ଚାଲିଥିବା ବେଳେ ବୈପାରୀଗୁଡା ବ୍ଲକ ସହୀଦ ପୀଠ ତେନ୍ତୁଳିଗୁମ୍ମା ଠାରେ ଅହିଂସା ରଥକୁ ସ୍ୱାଗତଂ କରାଯାଇଛି। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶହୀଦ ପୀଠ ତେନ୍ତୁଳୀଗୁମ୍ମା ଠାରେ ଅହିଂସା ରଥକୁ କୋରାପୁଟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବିରାଟ ପଟୁଆରରେ ସ୍ୱାଗତ କରି ପାଛୋଟି ଅଣାଯାଇଥିଲା। ଜୟପୁର ଉପ ଜିଲ୍ଲାପାଳ ବେଦବର ପ୍ରଧାନ, ଡିପିଏମୟୁ ତଥା ଜିଲ୍ଲା ନୋଡାଲ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ବୈପାରୀଗୁଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଅଭିମନ୍ୟୁ କବି ଶତପଥି, ପଂଚାୟତ ସମିତି ଅଧକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ତେନ୍ତୁଳିଗୁମ୍ମା ସରପଂଚ ମନ୍ମତି ନାୟକ, ଜିଲ୍ଲା ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ତେନ୍ତୁଳୀଗୁମ୍ମା ଠାରେ ରଥ ପହଂଚିବା ପରେ ସହୀଦଙ୍କ ସମାଧିରେ ଏବଂ ଶହୀଦଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହା ପରେ ଗ୍ରାମବାସୀଙ୍କୁ ନେଇ ଚାରି ଶହ ମିଟର ଲମ୍ଵା ବିଶିଷ୍ଟ ଜାତୀୟ ପତକା ଗାଁ ପରିକ୍ରମା ପରିକ୍ରମା କରାଯାଇଥିଲା। ଏଥିସହ ଗୀତ ନାଚ ବାଜା ଆଉ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ସହୀଦ ଲକ୍ଷ୍ମଣ ନାୟକ ପାର୍କରେ ଆୟୋଜିତ ଜାତୀୟ ପତକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସଭାର ଆୟୋଜନ କରାଯାଇଥିଲା।

## ସ୍ମୃତିରେ ଅରିନ୍ଦମ, ଶ୍ରାଦ୍ଧ ବାର୍ଷିକୀରେ ପ୍ରତିମୂର୍ତ୍ତି ଉନ୍ମୋଚିତ

ଢେଙ୍କିକୋଟ,(ପି.ଏନ): ଓଟିଭିର ଦିବଙ୍ଗତ ମୁଖ୍ୟ ସାମ୍ବାଦିକ ଅରିନ୍ଦମ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ତାଙ୍କ ଜନ୍ମମାଟି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ପଂଚାୟତ ରାଇକଳା ଗ୍ରାମରେ ଶ୍ରଦ୍ଧା ସୁମନ ଅର୍ପଣ ସହ ପାଳିତ ହୋଇଯାଇଛି । ଏଥି ସକାଶେ ଏକ ସ୍ମୃତିସଭା ଆୟୋଜିତ ହୋଇ ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତୀ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଡିଶା ଟେଲିଭିଜନ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଜାଗିମଙ୍ଗତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଇକଳା ଗାଁ ବିଦ୍ୟାଳୟ ନିକଟରେ ସ୍ଥାପିତ ସ୍ୱର୍ଗତ ଦାସଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ଏହାପରେ ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଶ୍ରୀମତୀ ପଣ୍ଡାଙ୍କ ସହ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂହ, ସମ୍ମାନୀତ ଅତିଥି ଭାବେ ଓଟିଭିର ରାଧାମାଧବ ମିଶ୍ର, ବର୍ଷିୟାନ୍ ସାହିତ୍ୟିକ ଗୌରହରି ମହା' ବର୍ମା, ରାଜନଗର ସରପଂଚ ସୁଧାଂଶୁ ଶେଖର ନାଏକ, ଶିକ୍ଷାବିତ ଧରଣୀଧର ଦାସ, ଅକ୍ଷୟ ପଲେଇ, ସ୍ୱର୍ଗତ ଅରିନ୍ଦମଙ୍କ ମା' କୁନି ଦାସ, ତାଙ୍କ ଭଉଣୀ, ପତ୍ନୀ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଥମେ ମିଳିତ ଭାବେ ସ୍ମରଣିକା 'ସ୍ମୃତିରେ ଅରିନ୍ଦମ' ଉନ୍ମୋଚନ କରାଯାଇଥିଲା । ସ୍ଥାନୀୟ ଅଂଚଳ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କେନ୍ଦୁଝର ମାଟିର ଏହି ଲଢୁଆ ବୀର ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ।

## ଓଡିଶାର ପ୍ରଥମ ଇଫକୋ ନାନୋ ଫର୍ଟିଲାଇଜର ପ୍ଲାଂଟର ଜନଶୁଣାଣୀ ଅନୁଷ୍ଠିତ









ପାରାଦୀପ,(ପି.ଏନ):ଇଫକୋ ପାରାଦୀପ ୟୁନିଟ୍ ପରିସରରେ ପ୍ରସ୍ଥାବିତ ନାନୋ ଫର୍ଟିଲାଇଜର ପ୍ଲାଂଟ୍ ପାଇଁ ସେପ୍ଟେମ୍ବର ୧୪ ତାରିଖ ବୁଧବାର ଦିନ ପାରାଦୀପ ମୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଏକ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ଓ କାରାଦୀପ ଆଂଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆୟୋଜିତ ହୋଇଥିଲା । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡଃ କାହ୍ନୁ ଚରଣ ଧିରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆଂଚଳିକ ପ୍ରଦୂଷଣ ବୋର୍ଡର ଅଧିକାରୀ ପି.ସି. ବେହେରା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, ଆଦର୍ଶ ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ, ପ୍ରଦୂଷଣ ବୋର୍ଡର ଉପ ପରିବେଶ ଯନ୍ତ୍ରୀ ବିବେଚିତା ଷଡଙ୍ଗୀ, ଇଫକୋ ନାନୋ ପ୍ରକଳ୍ପର ବରିଷ୍ଠ ସାଧାରଣ ପରିଚାଳକ ପି.ଏସ. ନୀଳାମ୍ବରନ, ମାନବ ସମ୍ବଳ ଅଧିକାରୀ ବି.କେ. ପରିଡା, ପରିବେଶ ସହ ପରିଚାଳକ ଦେବାଶିସ ମହାଁ ଓ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରଶନ୍ନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ । ତେବେ ନାନୋ ଫର୍ଟିଲାଇଜରର ଏପରି ଜନଶୁଣାଣୀ ଓଡିଶାରେ ପ୍ରଥମ। ଏହି ଜନ ଶୁଣାଣୀରେ ସ୍ଥାନୀୟ ଜନସାଧାରଣ ବିଭିନ୍ନ ଏନଜିଓ, ପରିବେଶବିତ୍, ସାମାଜିକ କର୍ମୀ ଓ ଗଣମାଧ୍ୟମର ପ୍ରତିନିଧି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ଅବସରରେ ନାନୋ ସାରର ଉପକାରିତା ଏବଂ ଏହାର ପ୍ରୟୋଗ ପରିବେଶ ପାଇଁ ଅନୁକୂଳ ବୋଲି ଇଫକୋ ପକ୍ଷରୁ ତଥ୍ୟ ଭିତିକ ମତାମତ ଉପସ୍ଥାପିତ କରାଯାଇଥିଲା । ଇଫକୋ ପ୍ଲାଂଟ ପରିସରର ୧୦ ଏକର ଜମି ଉପରେ ପ୍ରତିବର୍ଷ ୩୩ ହଜାର କିଲୋଲିଟର ନାନୋ ଡିଏପି ଓ ୟୁରିଆ ଉତ୍ପାଦିତ ହେବ ଏବଂ ଏହି ପ୍ରକଳ୍ପର ବ୍ୟୟ ଅଟକଳ ୨୨୫ କୋଟି ଟଙ୍କା ରହିଛି । ଏହି ଜନ ଶୁଣାଣୀରେ ୩୬ ଜଣ ଇଫକୋର ନାନୋ ପ୍ଲାଂଟ ସପକ୍ଷରେ ମତାମତ ଦେଇଥିବା ବେଳେ ଜଣେ ଏହି ପ୍ରକଳ୍ପକୁ ବିରୋଧ କରିଥିଲେ । ସର୍ବଶେଷରେ ଏହି ଜନଶୁଣାଣୀ ସଫଳ ହୋଇଥିବା ଜଣାଯାଏ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray